# ବାଧାବିଘ୍ନସବୁରେ

## ଅପମାନିତ ବୋଧ ନ କରନ୍ତୁ



ଆଶିଷ୍ ରାଇଟୁର୍

**ଏହି ପୁସ୍ତକ ମାଗଣାରେ ବଣ୍ଟନ ପାଇଁ ଉଦ୍ଦିଷ୍ଟ ।**

ମୁଦ୍ରଣ ଓ ବଣ୍ଟନ : ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଆଣ୍ଡ୍ ୱାର୍ଲଡ୍ ଆଉଟ୍‌ରିଚ୍, ବାଙ୍ଗାଲୁରୁ, ଇଣ୍ଡିଆ

ପ୍ରଥମ ସଂସ୍କରଣ : ନଭେମ୍ବର ୨୦୨୦

ଓଡ଼ିଆ ଅନୁବାଦ : ଭାବୀ ବିଭବ ବନିଫେସ୍ କର

**ଯୋଗାଯୋଗ ଠିକଣା :**

All Peoples Church & World Outreach
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore - 560043
Karnataka, INDIA

Phone : +91-80-25452617
Email : bookrequest@apcwo.org
Website : **www.apcwo.org**

**ଆର୍ଥିକ ଭାଗୀଦାରୀ :**

ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ସଦସ୍ୟ, ଅଂଶୀଦାର ଓ ବନ୍ଧୁମାନଙ୍କର ଆର୍ଥିକ ସାହାଯ୍ୟ ଯୋଗୁଁ ଏହି ପୁସ୍ତକକୁ ମାଗଣାରେ ବଣ୍ଟନ କରିବା ସମ୍ଭବ ହୋଇପାରିଛି । ମାଗଣାରେ ଉପଲବ୍ଧ ଏହି ପୁସ୍ତକ ଦ୍ୱାରା ଯଦି ଆପଣ ଆତ୍ମିକ ଆଶୀର୍ବାଦ ପାଇଛନ୍ତି, ତେବେ ଏହାର ପୁନଃ ମୁଦ୍ରଣ ଓ ବଣ୍ଟନ ନିମନ୍ତେ ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଉଦ୍ଦେଶ୍ୟରେ ଆପଣଙ୍କ ସ୍ୱେଚ୍ଛାକୃତ ଦାନ ପଠାଇ ପାରନ୍ତି । ଆପଣଙ୍କ ଦାନ କିପରି ପଠାଇବେ ଜାଣିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/giveକୁ ପରିଦର୍ଶନ କରନ୍ତୁ କିମ୍ବା ଏହି ପୁସ୍ତକର ଶେଷ ଭାଗରେ ଥିବା ପୃଷ୍ଠା "ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ଅଂଶୀଦାର ହୁଅନ୍ତୁ"କୁ ପାଠ କରନ୍ତୁ । ଧନ୍ୟବାଦ !

**ମେଲିଂ ଲିଷ୍ଟ୍ :**

ଏହି ପ୍ରକାଶନ ପକ୍ଷରୁ ନୂତନ ଭାବରେ ପ୍ରକାଶ ପାଉଥିବା ପୁସ୍ତକଗୁଡ଼ିକୁ ପାଇବା ନିମନ୍ତେ ଆପଣଙ୍କର ସଠିକ୍ ଡାକ ଠିକଣା ଆମ ନିକଟକୁ ଇମେଲ୍ କରି ପଠାନ୍ତୁ । ଆପଣଙ୍କ ଠିକଣା ଆମ ମେଲିଂ ଲିଷ୍ଟ୍‌ରେ ଅନ୍ତର୍ଭୁକ୍ତ କରାଯିବ । ଆମର ଇମେଲ୍ : bookrequest@apcwo.org

**ଭାରତ ଭିତରେ ମାଗଣା ବଲ୍କ ଅର୍ଡ଼ର :**

ଆପଣଙ୍କ ସ୍ଥାନୀୟ ମଣ୍ଡଳୀରେ, ବାଇବଲ୍ ଅଧ୍ୟୟନ ଦଳରେ, ବାଇବଲ୍ କଲେଜ୍‌ରେ, ସେମିନାର୍‌ରେ, ସଭାସମିତିରେ, ବହି ଦୋକାନରେ, ବ୍ୟବସାୟ ଇତ୍ୟାଦିରେ ମାଗଣାରେ ବଣ୍ଟନ କରିବା ପାଇଁ ଆମେ ଆମର ପୁସ୍ତକସବୁ ପଠାଇପାରିବୁ । ଆପଣଙ୍କ ଡାକ ଠିକଣା ଓ କେତେ ଖଣ୍ଡ ପୁସ୍ତକ ଆବଶ୍ୟକ ତାହା ଆମକୁ ଇମେଲ୍ କରି bookrequest@apcwo.org ଠିକଣାରେ ପଠାନ୍ତୁ ।

**Offenses Don't Take Them (Odia)**

# ବାଧାବିଘ୍ନସବୁରେ

## ଅପମାନିତ ବୋଧ ନ କରନ୍ତୁ

# ସୂଚୀପତ୍ର


| | | |
|---|---|---|
| ମୁଖବନ୍ଧ | | ୧ |
| ୧. | ଫାନ୍ଦ ଓ ପ୍ରତିବନ୍ଧକ | ୨ |
| ୨. | ବାଧାବିଘ୍ନ ଅନିବାର୍ଯ୍ୟ | ୫ |
| ୩. | ମନୋନୟନ ଆପଣଙ୍କର | ୧୯ |
| ୪. | ବିଘ୍ନ ହେତୁ ପ୍ରତିକ୍ରିୟାଶୀଳ ନ ହୁଅନ୍ତୁ | ୨୭ |
| ୫. | ପ୍ରେମରେ ଆଚରଣ ଆମକୁ ମୁକ୍ତରଖେ | ୩୩ |

# ମୁଖବନ୍ଧ

ଆମ ପ୍ରତି ମର୍ଯ୍ୟାଦା ହାନିକାରକ ବିଷୟ ଘଟିଲେ ଆମେ ସମସ୍ତେ ଯନ୍ତ୍ରଣା ଅନୁଭବ କରିଥାଉ । ସବୁପ୍ରକାର ବିଷୟ ବାଧାବିଘ୍ନ ଜନ୍ମାଇ ପାରେ । ଛୋଟ ଛୋଟ ବିଷୟ ମଧ୍ୟ ଆମକୁ ରୁଷ୍ଟ କରିପାରେ । ଆମେ ଆଘାତ ପାଇଥାଉ । କେହି କିଛି କହିଦେଲେ ଆମେ ଅପମାନିତ ବୋଧ କରୁ । ଯଦି ଆମେ ଯୋଗ୍ୟ ହୋଇଥିବା ସତ୍ତ୍ୱେ ସୁଯୋଗରୁ ବଞ୍ଚିତ ହେଉ ବା ଆମକୁ ମାନ୍ୟତା ମିଳେ ନାହିଁ ବା ପଦୋନ୍ନତି ମିଳେ ନାହିଁ, ତେବେ ଆମେ ଅସନ୍ତୁଷ୍ଟ ହୋଇଥାଉ । ଥରେ ଆମେ ଅପମାନିତ ବୋଧ କଲେ, ଏହା ଆମ ଅନ୍ତରରେ ଏପରି କାର୍ଯ୍ୟ କରେ ଯେ କଳ୍ପନାତୀତ ଭାବରେ ବିଭିନ୍ନ ମାର୍ଗରେ ଏହା ଆମକୁ ପ୍ରଭାବିତ କରେ । ଅସମାହିତ ଅପମାନର ବଶବର୍ତ୍ତୀ ହୋଇ କାର୍ଯ୍ୟ କରୁଥିବା ଜଣେ ବ୍ୟକ୍ତି ଅତ୍ୟନ୍ତ ବିଚାରଶକ୍ତିହୀନ ଓ ଅସ୍ୱାଭାବିକରୂପେ ଚିନ୍ତା କରିଥାଏ, କଥା କହିଥାଏ ଓ ଆଚରଣ କରିଥାଏ । ମାଣ୍ଡଳିକ ଜୀବନରେ ଏହା ଘଟିଲେ, ଈଶ୍ୱରଙ୍କ ଲୋକଙ୍କ ମଧ୍ୟରେ ଅନେକ ଦୁଃଖଦାୟକ ବିଷୟ ଦେଖିବାକୁ ମିଳେ, ଯେପରି ବୃଥାଗପ, ଚୁଗୁଲି, ମଣ୍ଡଳୀ ବଦଳାଇ ଚାଲିଯିବା, ମଣ୍ଡଳୀରେ ବିଭାଜନ, ଖ୍ରୀଷ୍ଟୀୟ ନେତାମାନେ ପରସ୍ପରଠାରୁ ଦୂରେଇଯିବା ଏବଂ ସର୍ବୋପରି ମଣ୍ଡଳୀ ଦୁର୍ବଳ ହୋଇଯିବା । ତେବେ, ଆମେ ଯଦି ବାଧାବିଘ୍ନକୁ ଏଡ଼ାଇ ଯିବାର ମାର୍ଗ ଜାଣିବା, ଏପରି ଅପ୍ରୀତିକର ବିଷୟସବୁକୁ ଦୂର କରାଯାଇପାରିବ ଏବଂ ସ୍ଥାନୀୟ ମଣ୍ଡଳୀ ତଥା ଖ୍ରୀଷ୍ଟଙ୍କ ଶରୀର ଅଧିକ ଦୃଢ଼ ହୋଇପାରିବ ।

ଜୀବନରେ ଏହି ସାଧାରଣ ଘଟଣା ବିଷୟରେ ବାଇବଲ କ'ଣ କହେ ? ଆମେ ବିଘ୍ନ ପାଇଲେ ବା ଅପମାନିତ ହେଲେ ଆମର ପ୍ରତିକ୍ରିୟା କ'ଣ ହେବା ଉଚିତ ? ମର୍ଯ୍ୟାଦା ହାନି ଘଟିଲେ ଆମେ କିପରି ନକାରାତ୍ମକ ମାନସିକ ଆବେଗରୁ ମୁକ୍ତିପାଇବା ? ଏହି କ୍ଷୁଦ୍ର ଅଧ୍ୟୟନରେ ଏସବୁ ପ୍ରଶ୍ନର ଉତ୍ତର ମିଳିବ ବୋଲି ଆଶା କରାଯାଏ । ଏହି ପୁସ୍ତକରେ ଆପଣ ସମ୍ପୂର୍ଣ୍ଣ ବିଘ୍ନମୁକ୍ତ ଜୀବନ ଯାପନ କରିବା ବିଷୟ ଶିକ୍ଷା କରିବେ ।

ସର୍ବଦା ବାଘାବିଘ୍ନର ଊର୍ଦ୍ଧ୍ୱରେ ରହି ଜୀବନ ଯାପନ କରନ୍ତୁ ।

ଈଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ !

ଆଶିଷ୍ ରାଇଚୁର୍

# ୧

# ଫାନ୍ଦ ଓ ପ୍ରତିବନ୍ଧକ

ଯଦି କେହି ଆମ ବିରୁଦ୍ଧରେ କିଛି କହିଦିଏ ବା କାର୍ଯ୍ୟ କରେ ତାହା ଆମକୁ ପୀଡ଼ା ଦେଇଥାଏ, ଆମେ ଅପମାନିତ ବୋଧ କରିଥାଉ ବା ଆଘାତ ପାଇଥାଉ । ମର୍ଯ୍ୟାଦା ହାନି ହେଲେ ବିଭିନ୍ନ ଲୋକ ବିଭିନ୍ନ ପ୍ରକାରେ ପ୍ରତିକ୍ରିୟା ପ୍ରକାଶ କରିଥାନ୍ତି । ଅନେକେ ରାଗିଯାଆନ୍ତି ଓ ପ୍ରତିଶୋଧ ନେଇଥାନ୍ତି । ଅନ୍ୟ କେତେଜଣ ଚାଲିଯାଆନ୍ତି, ସମ୍ପର୍କଚ୍ଛିନ୍ନ କରନ୍ତି ଓ ଦୂରେଇ ରୁହନ୍ତି । ଅନ୍ୟ କେତେ ଜଣ ପ୍ରତିକ୍ରିୟାଶୀଳ ହୋଇ ବଦନାମ ଓ ଅପମାନ କରିବା, ଶତ୍ରୁତା ବଢ଼ାଇବା, ଇତ୍ୟାଦିର ଆଶ୍ରୟ ନେଇଥାନ୍ତି । ଆମେମାନେ ସମସ୍ତେ ଏପରି ପରିସ୍ଥିତିସବୁ ମଧ୍ୟ ଦେଇ ଯାଇଛୁ ଓ ବିଭିନ୍ନ ପ୍ରକାରେ ପ୍ରତିକ୍ରିୟା ପ୍ରକାଶ କରିଛୁ । ଆମେ ମନେ କରୁ ଯେ ଯେହେତୁ ଆମର ମର୍ଯ୍ୟାଦାରେ ଆଞ୍ଚ ଆସିଛି ଏହା କରିବା ଆମର ଅଧିକାର ଅଟେ । ଯେ କୌଣସି ମାର୍ଗରେ ପ୍ରତିକ୍ରିୟା ପ୍ରକାଶ କଲେ ଆମକୁ ଭଲ ଲାଗେ ଓ ଆମର ବ୍ୟଥାକୁ ଉପଶମ କରେ ।

ତଥାପି, ବାଧାବିଘ୍ନ ସମ୍ପର୍କିତ ବାଇବଲର ଦୃଷ୍ଟିକୋଣକୁ ଆମେ ବୁଝିବାକୁ ଚେଷ୍ଟା କରିବା । ହୁଏତ ଏହା ଦ୍ୱାରା ଆମ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆସିବ ।

**ମାଥିଉ ୧୬:୨୩**
**କିନ୍ତୁ ସେ ବୁଲିପଡ଼ି ପିତରଙ୍କୁ କହିଲେ, ମୋ' ଆଗରୁ ଦୂର ହୁଅ, ଶୟତାନ, ତୁମ୍ଭେ ମୋର ବିଘ୍ନସ୍ୱରୂପ, କାରଣ ତୁମ୍ଭେ ଈଶ୍ୱରଙ୍କ ବିଷୟ ନ ଭାବି ମନୁଷ୍ୟର ବିଷୟ ଭାବୁଅଛ ।**

ଏଠାରେ ବ୍ୟବହୃତ ପଦ 'ବିଘ୍ନ' (Offence)ର ଗ୍ରୀକ୍ ପ୍ରତିଶବ୍ଦ '*skandalon*' ଏବଂ ଏହା ଦୁଇଟି ଅର୍ଥ ପ୍ରକାଶ କରେ:

**କ)** **ଏକ ଫାନ୍ଦ:** ଏହା ଏକ ଫାନ୍ଦର ବାଡ଼ି (ବା ଥୋପ) ବା ବନ୍ଧୁକର ଘୋଡ଼ା ସଦୃଶ । ଏହି ଫାନ୍ଦର ବାଡ଼ିକୁ ଛୁଇଁଲେ ଥୋପ ନିକଟରେ ପହଞ୍ଚି ହେବ । କିନ୍ତୁ ସେତେବେଳେ ସେ ଫାନ୍ଦରେ ଧରା ପଡ଼ିଯାଇଥିବ ।

**ଖ) ପ୍ରତିବନ୍ଧକ:** ଝୁଣ୍ଟିବାର କାରଣ । ଏହା ଏକ ଏପରି ପ୍ରସ୍ତରକୁ ବୁଝାଏ ଯାହା ଉପରେ ଜଣେ ଝୁଣ୍ଟିପଡ଼େ । ତେଣୁ ବିଘ୍ନ ଏପରି ଏକ ବିଷୟ ଯାହା ଜଣେ ବ୍ୟକ୍ତିର ଝୁଣ୍ଟିବାର ବା ପତନର କାରଣ ହୋଇଥାଏ ।

ବିଘ୍ନର ପରିଣାମ ହେଉଛି ଜଣକୁ ଭୁଲ ବା ପାପ କରିବା ପାଇଁ ଆକର୍ଷିତ କରିବା ।

ମାଥିଉ ୧୬ରେ ବର୍ଣ୍ଣିତ ଘଟଣାରେ ପିତର ପ୍ରଭୁଯୀଶୁଙ୍କ ପ୍ରତି ଚିନ୍ତା ଓ ଦରଦ ପ୍ରକଟ କରି କହିଥିଲେ । କିନ୍ତୁ ଯୀଶୁ ଏହାକୁ ଭିନ୍ନ ଦୃଷ୍ଟିରେ ଦେଖିଥିଲେ । ସେ ଦେଖିଲେ ଯେ ଏହାର ଉତ୍ସ ଶୟତାନ ଏବଂ ଶୟତାନ ଈଶ୍ୱରଙ୍କ ବିଷୟସବୁ ପ୍ରତି ବିଘ୍ନ, ଫାନ୍ଦ ଓ ପ୍ରତିବନ୍ଧକର କାରଣ । ଏଣୁ ଏହା ଖ୍ରୀଷ୍ଟ ବିରୋଧୀ ଥିଲା ।

ଏକ ବିଘ୍ନ, ବାସ୍ତବରେ, ଶୟତାନର ଫାନ୍ଦ (ଥୋପ) ଓ ଶୟତାନର ପ୍ରତିବନ୍ଧକ ଅଟେ । ଶୟତାନ ସର୍ବଦା ଚେଷ୍ଟା କରିଥାଏ ଯେପରି ଆମକୁ ସେ ଫାନ୍ଦରେ ଧରିବ ଓ ଆମେ ଝୁଣ୍ଟିବା ପାଇଁ ପ୍ରତିବନ୍ଧକ ରଖିବ, ଯଦ୍ୱାରା ଆମେ ଈଶ୍ୱରଙ୍କ ଉଦ୍ଦେଶ୍ୟସବୁକୁ ସାଧନ କରିବାରେ ବିଫଳ ହେବା ।

ଏହା ପରେ ଯେତେବେଳେ ଆପଣ ଅପମାନିତ ବୋଧ କରୁଛନ୍ତି, ଏଥିପାଇଁ ଯିଏ ବା ଯାହା ଦାୟୀ, ତାହା ବିବେଚନା ନ କରି ଚିନ୍ତା କରନ୍ତୁ ଏହାର ଆତ୍ମିକ ଅର୍ଥ କ'ଣ ହୋଇପାରେ । ଏହାର କୌଣସି ବ୍ୟକ୍ତିବିଶେଷ ବା ପରିସ୍ଥିତି ସଙ୍ଗେ ସମ୍ପର୍କ ନାହିଁ । ଯେଉଁ ବ୍ୟକ୍ତି ବା ଯେଉଁ ପରିସ୍ଥିତି ଦ୍ୱାରା ଆପଣଙ୍କ ମର୍ଯ୍ୟାଦା ହାନି ହେଲା ତାହା ଅପେକ୍ଷା ଅଧିକ ଗୁରୁତର ବିଷୟମାନ ରହିଛି । ବିଘ୍ନ ଏକ ଫାନ୍ଦ ବା ଏକ ପ୍ରତିବନ୍ଧକ । ଯଦି ଆପଣ ଏଥିଯୋଗୁଁ ପଡ଼ିଗଲେ, ତେବେ ଶୟତାନ ଆପଣଙ୍କୁ ଫାନ୍ଦ ବା ପ୍ରତିବନ୍ଧକରେ ପକାଇବାକୁ ସୁଯୋଗ ପାଇବ, ଯଦ୍ୱାରା ଆପଣ ଈଶ୍ୱରଙ୍କ ଉଦ୍ଦେଶ୍ୟସବୁକୁ ପୂରଣ କରିବାର ଯାତ୍ରାରେ ଅଗ୍ରସର ହୋଇ ପାରିବେ ନାହିଁ ।

ଆପଣ କ'ଣ ଶୟତାନକୁ ଏପରି ଏକ ସୁଯୋଗ ଦେବାକୁ ଚାହାନ୍ତି ? ନିଶ୍ଚିତରୂପେ ନୁହେଁ ! ବିଘ୍ନର କାରଣ ବା ଉତ୍ସ ଯାହା ହେଉନା କାହିଁକି, ଆପଣ ହୃଦୟରେ ବିଘ୍ନକୁ ସ୍ଥାନ ଦିଅନ୍ତୁ ନାହିଁ । ଆପଣଙ୍କ ହୃଦୟ ବିଘ୍ନମୁକ୍ତ ହେବା ଆବଶ୍ୟକ ।

## ଅନୁଚିନ୍ତା

୧) ସମ୍ପ୍ରତି ଆପଣ କେବେ ଅପମାନିତ ହୋଇଥିଲେ କି ବା ଅପମାନିତ ହେବାର ଅବକାଶ ଆସିଥିଲା ?

କ) କାହିଁକି ଅପମାନିତ ହେବାର ବୋଧ ଆସିଥିଲା ?

ଖ) କ'ଣ ଅନୁଭବ କଲେ ? କିପରି ଜାଣିଲେ ଯେ ଆପଣ ଅପମାନିତ ହୋଇଛନ୍ତି ?

ଗ) ଆପଣ କ'ଣ କଲେ ? ଅପମାନିତ ହୋଇ କିପରି ତା'ର ସାମ୍ନା କଲେ ?

ଘ) ପଛକୁ ଅନାଇ ଦେଖିଲେ, ଆପଣ ଅପମାନିତ ହୋଇ ଯେପରି ଭାବରେ ବିଭିନ୍ନ ବିଷୟକୁ ପରିଚାଳନା କଲେ ସେଥିରେ ଆପଣ ଖୁସି ଅଟନ୍ତି କି ? ଯୀଶୁ ମହିମାନ୍ୱିତ ହେଲେ କି ? ଅନ୍ୟ କୌଣସି ମାର୍ଗରେ ଏହାକୁ ଆପଣ ସମ୍ଭାଳି ପାରିଥାନ୍ତେ କି ?

ଙ) ଯିଏ ଆପଣଙ୍କୁ ଅପମାନିତ କଲେ ତାଙ୍କ ସଙ୍ଗେ ସମ୍ପର୍କକୁ ସଜାଡ଼ିବାକୁ କିଛି କରିବା ଆବଶ୍ୟକ କି ?

# ୨

# ବାଧାବିଘ୍ନ ଅନିବାର୍ଯ୍ୟ

ଏହି ଅଧ୍ୟାୟରେ ଆମେ ସାଧାରଣରେ ସାମ୍ନା କରୁଥିବା ତିନି ପ୍ରକାର ବାଧାବିଘ୍ନର ଉତ୍ସ ସମ୍ପର୍କରେ ବିଚାର କରିବା । ଅବଶ୍ୟ ଅନ୍ୟାନ୍ୟ ଉତ୍ସ ବି ରହିଛି, କିନ୍ତୁ ହୁଏତ ଏଗୁଡ଼ିକ ଅତି ସାଧାରଣ ବାଧାବିଘ୍ନ:

- ଜଗତରୁ ଉତ୍ପନ୍ନ ବାଧାବିଘ୍ନ
- ଅବହେଳାକୃତ ବାଧାବିଘ୍ନ
- କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆଗତ ବାଧାବିଘ୍ନ

ଆତ୍ମିକ ଜୀବନରେ ବିଶ୍ୱାସୀମାନେ ଯେଉଁସବୁ ବାଧାବିଘ୍ନର ସମ୍ମୁଖୀନ ହୋଇଥାନ୍ତି ତା'ର ତିନୋଟି କାରଣ ଆଲୋଚନା କରିବା । ବିଶ୍ୱାସୀ ପ୍ରତି ଏସବୁ ନିର୍ଦ୍ଦିଷ୍ଟରୂପେ ଆସିଥାଏ:

- ଈଶ୍ୱରଙ୍କ ଉପରେ ଅସନ୍ତୁଷ୍ଟ ହେବା
- ଯୀଶୁ ଖ୍ରୀଷ୍ଟଙ୍କ ହେତୁ ବିଘ୍ନ ପାଇବା
- ବାକ୍ୟ ଓ ଆତ୍ମାଙ୍କ ସକାଶୁ ବିଘ୍ନ ପାଇବା

ବର୍ତ୍ତମାନ ବାଧାବିଘ୍ନର ତିନୋଟି ସାଧାରଣ ଉତ୍ସ ସମ୍ପର୍କରେ ଶିକ୍ଷା କରିବା ।

## ଜଗତରୁ ଉତ୍ପନ୍ନ ବାଧାବିଘ୍ନ

**ମାଥିଉ ୧୮ :୬-୭**
**୬ କିନ୍ତୁ ଯେ କେହି ମୋ'ଠାରେ ବିଶ୍ୱାସ କରୁଥିବା ଏହି କ୍ଷୁଦ୍ରମାନଙ୍କ ମଧ୍ୟରୁ ଜଣକର ବିଘ୍ନର କାରଣ ହୁଏ, ତାହା ବେକରେ ଗୋଟିଏ ବଡ଼ ଚକିପଥର ଟଙ୍ଗାଯାଇ ତାହାକୁ ମହାସାଗରର ଅଗାଧ ଜଳରେ ବୁଡ଼ାଇ ଦିଆଯାଇଥିଲେ ତାହା ପକ୍ଷରେ ହିତକର ହୋଇଥାଆନ୍ତା ।**
**୭ ହାୟ, ସଂସାର ବିଘ୍ନ ସକାଶେ ସନ୍ତାପର ପାତ୍ର; ବିଘ୍ନ ତ ନିଶ୍ଚୟ ଘଟିବ, କିନ୍ତୁ ହାୟ, ଯେଉଁ ଲୋକ ଦ୍ୱାରା ବିଘ୍ନ ଘଟେ, ସେ ସନ୍ତାପର ପାତ୍ର ।**

ଗତ ଅଧ୍ୟାୟରେ ଆମେ ବାଧାବିଘ୍ନ (ଗ୍ରୀକ୍ *skandalon*) ସମ୍ପର୍କରେ ଆଲୋଚନା କରିଛୁ । ଉପରୋକ୍ତ ଶାସ୍ତ୍ରାଂଶରେ ଯେଉଁ ସନ୍ଦର୍ଭରେ 'ବିଘ୍ନ' ସମ୍ପର୍କରେ କୁହାଯାଇଛି ତାହା ପ୍ରଭୁଙ୍କଠାରେ ବିଶ୍ୱାସ କରୁଥିବା "କ୍ଷୁଦ୍ରମାନଙ୍କୁ" (ନିରୀହ, ନମ୍ରଶୀଳ) ପାପରେ ପକାଇବା ପାଇଁ ଉଦ୍ଦିଷ୍ଟ ।

୭ ପଦରେ ତିନୋଟି ବିଷୟ କୁହାଯାଏ:

୧. ଜଗତ ବିଘ୍ନରେ ପରିପୂର୍ଣ୍ଣ ।

୨. ବିଘ୍ନ ନିଶ୍ଚୟ ଘଟିବ ।

୩. ଲୋକଙ୍କ ଦ୍ୱାରା ବିଘ୍ନ ଘଟିଥାଏ ।

ଜଗତ ବିଘ୍ନରେ ପରିପୂର୍ଣ୍ଣ । ସେଥିପାଇଁ ଯୀଶୁ କହିଲେ, *"ହାୟ, ସଂସାର ବିଘ୍ନ ସକାଶେ ସନ୍ତାପର ପାତ୍ର"* । ଜଗତ ଖ୍ରୀଷ୍ଟ ବିଶ୍ୱାସୀମାନଙ୍କ ନିମନ୍ତେ ଫାନ୍ଦ ଓ ପ୍ରତିବନ୍ଧକରେ ପରିପୂର୍ଣ୍ଣ, ଯେପରି ସେମାନେ ତଦ୍ଦ୍ୱାରା ପାପରେ ପଡ଼ିବେ, ଭୁଲ୍ କରିବେ ଓ ବିଶ୍ୱାସରୁ ଦୂରେଇ ଯିବେ । ଅନ୍ତିମ ସମୟ ବିଷୟରେ ପ୍ରଭୁ ଯୀଶୁ ଚେତାବନୀ ଦେଇ କହନ୍ତି, *"ସେତେବେଳେ ଅନେକେ ବିଘ୍ନ ପାଇବେ, ପୁଣି ପରସ୍ପରକୁ ଧରାଇଦେବେ ଓ ପରସ୍ପରକୁ ଘୃଣା କରିବେ"* (ମାଥିଉ ୨୪:୧୦) । ଜଗତ ଏହି ମାର୍ଗରେ ହିଁ ଯାଉଛି ।

ବାଧାବିଘ୍ନ ଆସିବ । ବିଶ୍ୱାସୀ ଭାବରେ ଆମେ ବାଧାବିଘ୍ନ ମୁକ୍ତ ନୋହୁଁ । ଜଗତ ବିଘ୍ନରେ ପରିପୂର୍ଣ୍ଣ ଏବଂ ଆମେ ଜଗତରେ ବାସ କରୁଛୁ । ଜଗତ ଏହି ବିଘ୍ନସବୁକୁ, ଫାନ୍ଦ ଓ ପ୍ରତିବନ୍ଧକକୁ ଆପଣଙ୍କ ବିରୁଦ୍ଧରେ ପ୍ରୟୋଗ କରିବ । ଏଥିପାଇଁ ପ୍ରସ୍ତୁତ ରୁହନ୍ତୁ । ଦୁଃଖର ବିଷୟ ଏହି ଯେ, ଅନେକ ସମୟରେ ଅନ୍ୟ ବିଶ୍ୱାସୀମାନଙ୍କ ଦ୍ୱାରା ମଧ୍ୟ ବିଘ୍ନ ଆସିଥାଏ ।

ଲୋକଙ୍କ ଦ୍ୱାରା ବିଘ୍ନ ଘଟିଥାଏ । ଯୀଶୁ କହିଲେ, "ଯେଉଁ ଲୋକ ଦ୍ୱାରା ବିଘ୍ନ ଘଟେ" । ଏହାର ଅର୍ଥ ଆମକୁ ସେ ଜଣାଇ ଦେଉଛନ୍ତି ଯେ ଲୋକମାନେ ହିଁ ବିଘ୍ନ ଘଟାଇଥାନ୍ତି । ବିଘ୍ନ ଆସିବ କାରଣ ଆପଣଙ୍କ ଚାରିପାଖେ ଥିବା ଲୋକମାନେ ଯାହାସବୁ କହୁଛନ୍ତି ଓ କରୁଛନ୍ତି ତାହା ଆପଣଙ୍କ ନିମନ୍ତେ ବିଘ୍ନସ୍ୱରୂପ ହୋଇପାରେ ।

ଯୀଶୁ ଘୋଷଣା କରିସାରିଛନ୍ତି ଯେଉଁ ବ୍ୟକ୍ତି ଦ୍ୱାରା ବିଘ୍ନ ଘଟେ ତା' ପ୍ରତି କ'ଣ ଘଟିବ । ସେ ସନ୍ତାପର ପାତ୍ର, ଦଣ୍ଡର ପାତ୍ର । ତା' ପାଇଁ ଦୁଃଖଦୁର୍ଦ୍ଦଶା ରହିଛି । ଯଦି କେହି ପ୍ରଭୁଙ୍କ

ବିରୁଦ୍ଧରେ ଆପଣ ପାପ କରନ୍ତୁ ବୋଲି ଆପଣଙ୍କ ରାସ୍ତାରେ ଫାନ୍ଦ ଓ ପ୍ରତିବନ୍ଧକ ରଖୁଛି, ତେବେ ସେଠାରୁ ଦୂରେଇଯାଆନ୍ତୁ ଓ ପ୍ରତିକାରର ଦାୟିତ୍ୱ ଈଶ୍ୱରଙ୍କ ଉପରେ ଛାଡ଼ିଦିଅନ୍ତୁ । ସେମାନଙ୍କ ବିରୁଦ୍ଧରେ ଆପଣ କିଛି କରିବା ଅନାବଶ୍ୟକ ।

## ଅବହେଳାକୃତ ବାଧାବିଘ୍ନ

**ଉପଦେଶକ ୭:୨୧-୨୨**

**୨୧ ମଧ୍ୟ ଯେତେ କଥା କୁହାଯାଏ, ସେସବୁରେ ମନୋଯୋଗ କର ନାହିଁ; କଲେ କେଜାଣି ତୁମ୍ଭ ଦାସ ତୁମ୍ଭକୁ ଶାପ ଦେବାର ତୁମ୍ଭେ ଶୁଣିବ;**

**୨୨ କାରଣ ତୁମ୍ଭ ମନ ଜାଣେ ଯେ, ତୁମ୍ଭେ ମଧ୍ୟ ଅନ୍ୟମାନଙ୍କୁ ସେହିପରି ବାରମ୍ବାର ଶାପ ଦେଇଅଛ ।**

ବେଳେବେଳେ ଅନେକେ ଆମପ୍ରତି ବିଘ୍ନ ଘଟାଇଥାନ୍ତି ଯାହା ସେମାନେ ଉଦ୍ଦେଶ୍ୟମୂଳକ ଭାବରେ ଘଟାଇ ନ ଥାଆନ୍ତି । ସେମାନେ ଥଟ୍ଟା ପରିହାସରେ କୌଣସି ଉଦ୍ଦେଶ୍ୟ ନ ରଖି କିଛି କହି ଦିଅନ୍ତି ବା କରନ୍ତି ଯାହା ଆମର ମର୍ଯ୍ୟାଦାରେ ଆଞ୍ଚ ଆଣିଥାଏ । ତେବେ ଏହାକୁ ଆମେ ହୃଦୟରେ ସ୍ଥାନ ଦେବା ଅନୁଚିତ । ଏହାକୁ ହାଲୁକା ଭାବରେ ନିଅନ୍ତୁ । ଏହକୁ ମନରୁ ବାହାର କରି ଦିଅନ୍ତୁ । ଏହାକୁ ନେଇ ଏକ ପ୍ରଧାନ ଆଲୋଚ୍ୟ ବିଷୟ ନ କରନ୍ତୁ । ଆପଣ ଯେଉଁ ଅନୁଗ୍ରହ ପାଇବାକୁ ଇଚ୍ଛା କରନ୍ତି ଅନ୍ୟମାନଙ୍କୁ ମଧ୍ୟ ସେପରି ଅନୁଗ୍ରହ କରନ୍ତୁ । ଆମେ ପ୍ରତ୍ୟେକେ ଅନେକ ସମୟରେ ଚିନ୍ତା ନ କରି କିଛି କହି ପକାଇଥାଉ ବା କରି ଦେଇଥାଉ ଏବଂ ପରେ ହୃଦୟଙ୍ଗମ କରିଥାଉ ଯେ ତାହା ଅନ୍ୟର ବିଘ୍ନର କାରଣ ହୋଇଛି, ଯଦିବା ତାହା ଉଦ୍ଦେଶ୍ୟମୂଳକ ନ ଥିଲା ।

## କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆଗତ ବାଧାବିଘ୍ନ

**୧ପିତର ୨:୧୮-୨୧**

**୧୮ ହେ ଦାସମାନେ, ତୁମ୍ଭେମାନେ ଭୟ ସହକାରେ ଆପଣା ଆପଣା କର୍ତ୍ତାଙ୍କର ବଶୀଭୂତ ହୁଅ, କେବଳ ଉତ୍ତମ ଓ ଦୟାଳୁ କର୍ତ୍ତାମାନଙ୍କର ନୁହେଁ, ମାତ୍ର ନିର୍ଦ୍ଦୟମାନଙ୍କର ମଧ୍ୟ ବଶୀଭୂତ ହୁଅ ।**

**୧୯ କାରଣ କେହି ଯେବେ ଈଶ୍ୱରଙ୍କୁ ସାକ୍ଷାତ୍ ମାନି ଅନ୍ୟାୟରେ ଦୁଃଖଭୋଗ କରି କଷ୍ଟ ସହ୍ୟ କରେ, ତେବେ ତାହା ପ୍ରଶଂସାର ବିଷୟ ।**

**୨୦ ଯେଣୁ ତୁମ୍ଭେମାନେ ଆପଣା ଆପଣା ଦୋଷରୁ ଯଦି ପ୍ରହାର ସହ୍ୟ କର, ତେବେ ସେଥିରେ ଅବା କଅଣ ସୁଖ୍ୟାତି ? କିନ୍ତୁ ଯଦି ସତ୍କର୍ମ କରି ଦୁଃଖ ସହ୍ୟ କର, ତେବେ ତାହା ଈଶ୍ୱରଙ୍କ ନିକଟରେ ପ୍ରଶଂସାର ବିଷୟ ।**

**୨୧ ଏଥିନିମନ୍ତେ ହିଁ ତୁମ୍ଭେମାନେ ଆହୂତ ହୋଇଅଛ, କାରଣ ତୁମ୍ଭେମାନେ ଯେପରି ଖ୍ରୀଷ୍ଟଙ୍କର ପଦଚିହ୍ନ ଦେଇ ଗମନ କର, ସେଥିପାଇଁ ସେ ମଧ୍ୟ ତୁମ୍ଭମାନଙ୍କ ନିମନ୍ତେ ଦୁଃଖଭୋଗ କରି ତୁମ୍ଭମାନଙ୍କୁ ଗୋଟିଏ ଆଦର୍ଶ ଦେଖାଇଦେଇ ଯାଇଅଛନ୍ତି ।**

୧ପିତର ୨:୧୩ରୁ ଆରମ୍ଭ କରି ଆଗକୁ, ପିତର ବିଶ୍ୱାସୀମାନଙ୍କୁ ସେମାନଙ୍କ କର୍ତ୍ତୃପକ୍ଷଙ୍କ ବଶବର୍ତ୍ତୀ ହେବାକୁ ପରାମର୍ଶ ଦେଇଛନ୍ତି । ଯଦିବା ଆଜିର ପରିପ୍ରେକ୍ଷୀରେ ନୂତନ ନିୟମର ସନ୍ଦର୍ଭ ଅଲଗା ଅଟେ, ତଥାପି ସତ୍ୟ ଅପରିବର୍ତ୍ତିତ ରହିଛି । କର୍ମଚାରୀ ଭାବରେ କାର୍ଯ୍ୟସ୍ଥଳରେ ଆମେ ଆମର କର୍ତ୍ତୃପକ୍ଷଙ୍କର ଅଧୀନରେ ରହିବା ଆବଶ୍ୟକ । ନାଗରିକ ଭାବରେ ଆମେ ବୈଧାନିକ ପ୍ରାଧିକାରୀଙ୍କର ବଶ୍ୟତା ସ୍ୱୀକାର କରିବାକୁ ହେବ । ପରିବାରର ସଦସ୍ୟ ଭାବରେ ଗୃହର ମୁରବୀଙ୍କ ବଶ୍ୟତା ସ୍ୱୀକାର କରିବାକୁ ହେବ ।

ଆମର କର୍ତ୍ତୃପକ୍ଷ ଯଦି ଆମ ପ୍ରତି ନିର୍ଦ୍ଦୟ ଓ ଅନ୍ୟାୟ ବ୍ୟବହାର କରନ୍ତି, ସତ୍କର୍ମ କରିବା ସତ୍ତ୍ୱେ ଦୁଃଖ ଦିଅନ୍ତି ତେବେ ଆମେ କ'ଣ କରିବା ? ଆଜିର ସନ୍ଦର୍ଭରେ ଅନେକ କର୍ତ୍ତୃପକ୍ଷ ଅନୁଚିତ ଓ ପକ୍ଷପାତିତାମୂଳକ ବ୍ୟବହାର କରନ୍ତି, ଆମର ଉତ୍ତମ କାର୍ଯ୍ୟକୁ ଉପେକ୍ଷା କରନ୍ତି, ଜାଣିଶୁଣି ଆମର ବର୍ଦ୍ଧିତ ଦରମା ବା ପଦୋନ୍ନତିକୁ ଅଟକାଇ ରଖନ୍ତି, ଇତ୍ୟାଦି । ତେବେ କ'ଣ କରିବା ? ପିତର ଏହାର ଉତ୍ତର ଦିଅନ୍ତି:

ବଶୀଭୂତ ହୁଅ ।

ଦୁଃଖଭୋଗ କର ।

କଷ୍ଟ ସହ୍ୟ କର ।

କେବଳ ଈଶ୍ୱର ଆମକୁ ଏଥିପାଇଁ ଅନୁଗ୍ରହ ଦେଇପାରନ୍ତି । ପବିତ୍ର ଆତ୍ମାଙ୍କ ଶକ୍ତିରେ ଏହା ଆମେ କରିପାରିବା, ଯେପରି ଖ୍ରୀଷ୍ଟ କରିଥିଲେ । ଆମେ ସେମାନଙ୍କ ଦୃଷ୍ଟିକୋଣରେ ବିଭିନ୍ନ ବିଷୟ ଦେଖିବାକୁ ଚେଷ୍ଟା କରିଥାଉ । ନେତୃତ୍ୱରେ ରହିଥିବା ଲୋକମାନେ ଯେଉଁ ଛବି ଦେଖିଥାନ୍ତି ଆମେ ସେମାନଙ୍କ ପରି ବଡ଼ ଛବି ଦେଖିବାକୁ ଚେଷ୍ଟା କରିଥାଉ, ମାତ୍ର ବେଳେବେଳେ ତାହା ଦେଖି ପାରି ନ ଥାଉ । ନେତା ଭାବରେ ସେମାନେ ଯେଉଁ ଚାପରେ ରହିଥାନ୍ତି ଆମେ ତାହା ବୁଝିବାକୁ ଚେଷ୍ଟା କରିଥାଉ ।

ଯଦି ଆମେ ବାରମ୍ବାର ଅନ୍ୟାୟ ଓ ବିପଦର ସାମ୍ନା କରୁ, ତେବେ ଆମେ ଏକ ନିରାପଦ ସ୍ଥାନକୁ ଚାଲିଯିବା ଉଚିତ । ବର୍ତ୍ତମାନ ସମୟରେ ନିରାପଦ ସ୍ଥାନକୁ ଯିବା, ଚାକିରୀ

ବଦଳାଇବା, ଇତ୍ୟାଦିର ସୁବିଧା ମିଳୁଛି ଯାହା ନୂତନ ନିୟମ ସମୟରେ ନ ଥିଲା, କାରଣ ଦାସମାନଙ୍କ ନିମନ୍ତେ ସେହି ସୁବିଧା ଉପଲବ୍ଧ ନ ଥିଲା । ଆହୁରି ମଧ୍ୟ ବର୍ତ୍ତମାନ ଆମର ମତ ପ୍ରକାଶ କରିବାର ସୁଯୋଗ ରହିଛି, ଯଦି ଅନ୍ୟାୟ କରାଯାଇଛି ତେବେ ନେତୃତ୍ୱରେ ଥିବା ଲୋକଙ୍କ ସଙ୍ଗେ ଆମେ ଆଲୋଚନା କରିପାରୁଛୁ, ଏବଂ ବୈଧାନିକ ଓ ନୈତିକ ଭାବରେ ଗ୍ରହଣୀୟ ମାର୍ଗରେ ଆମର ପ୍ରସଙ୍ଗକୁ ଉତ୍‌ଥାପିତ କରିପାରୁଛୁ ।

ତେବେ ଏସବୁ ମଧ୍ୟରେ ସୁଦ୍ଧା ଆମେ କର୍ତ୍ତୃପକ୍ଷଙ୍କ ପ୍ରତି ଆମ ହୃଦୟକୁ ବିଘ୍ନ ମୁକ୍ତ ରଖିବା । ବିଘ୍ନ ତ ଆସିବ । ଆମର କର୍ତ୍ତୃପକ୍ଷ ପକ୍ଷରୁ ମଧ୍ୟ ଆମ ପ୍ରତି ବିଘ୍ନ ଘଟିବ । କିନ୍ତୁ ଆମେ ସେମାନଙ୍କ ପ୍ରତି ରୁଷ୍ଟ ନ ହେବା ପାଇଁ ନୂତନ ନିୟମ କହେ ।

ଧରନ୍ତୁ ଜଣେ ଆତ୍ମିକ ନେତା ଭାବରେ, ଆପଣଙ୍କ ମଣ୍ଡଳୀର ପାଳକ ଆପଣଙ୍କର ବିଘ୍ନ ଘଟାଇଲେ, ତେବେ କ'ଣ କରାଯିବ ? ହୁଏତ ସେମାନେ ଯେଉଁ ନିଷ୍ପତ୍ତି ନେଲେ ତାକୁ ଆପଣ ବୁଝିନାହାନ୍ତି । ଯଦି ଆପଣ କୌଣସି ସେବାକାର୍ଯ୍ୟର ନେତୃତ୍ୱ ନେବା ପାଇଁ ଅତ୍ୟନ୍ତ ଆଗ୍ରହୀ ରହିଥିବା ସତ୍ତ୍ୱେ ସେମାନେ ଅନ୍ୟ କାହାକୁ ସେଥିପାଇଁ ବାଛିଲେ । ଆପଣ ଅନେକ ବର୍ଷ ଧରି ବିଶ୍ୱସ୍ତରୂପେ ସେବାକାର୍ଯ୍ୟ କରିଥିବା ସତ୍ତ୍ୱେ ସେମାନେ ଆପଣଙ୍କୁ ଉପେକ୍ଷା କଲେ ଓ ଆପଣଙ୍କଠାରୁ କମ୍ ସମୟ ସେବାରେ ରହିଥିବା ଅନ୍ୟ କାହାକୁ ପସନ୍ଦ କଲେ । ମାଣ୍ଡଳିକ ଜୀବନରେ ଏହିପରି ଅନେକ ପରିସ୍ଥିତି ସୃଷ୍ଟି ହେବ ଯାହା ଜଣକୁ ମର୍ଯ୍ୟାଦା ହାନିକର ସାବ୍ୟସ୍ତ ହେବ । ତେବେ ଆପଣ କ'ଣ କରିବେ ? ପିତର ନେତାମାନଙ୍କ ସମ୍ପର୍କରେ ଯାହା ଲେଖନ୍ତି, ଏଠାରେ ମଧ୍ୟ ତାହା ପ୍ରଯୁଜ୍ୟ । ବଶୀଭୂତ ହୁଅନ୍ତୁ । ଦୁଃଖ ଭୋଗ କରନ୍ତୁ । କଷ୍ଟ ସହ୍ୟ କରନ୍ତୁ । ଯଦି ସମ୍ଭବ ହୁଏ, ଆପଣଙ୍କର ଚିନ୍ତା ଓ ଦୃଷ୍ଟିକୋଣକୁ ଗ୍ରହଣୀୟ ଓ ସମ୍ମାନର ସହିତ ପ୍ରକାଶ କରନ୍ତୁ । ଯଦି ଅସଦ୍ ବ୍ୟବହାର, ବିପଦ ଓ କ୍ଷତିର ଆଶଙ୍କା ରହିଛି ନିରାପଦ ସ୍ଥାନକୁ ଚାଲିଯାଆନ୍ତୁ । ଆପଣ ଯାହା ବି କରନ୍ତୁ କାହା ପ୍ରତି ରୁଷ୍ଟ ନ ହୁଅନ୍ତୁ, ହୃଦୟକୁ ବିଘ୍ନମୁକ୍ତ ରଖନ୍ତୁ ।

ବର୍ତ୍ତମାନ ବିଶ୍ୱାସୀମାନେ ସେମାନଙ୍କ ଆତ୍ମିକ ଜୀବନରେ ଯେଉଁସବୁ ବିଘ୍ନର ସମ୍ମୁଖୀନ ହୁଅନ୍ତି ତା'ର ତିନୋଟି କାରଣ ଦେଖିବା:

## ଈଶ୍ୱରଙ୍କ ଉପରେ ଅସନ୍ତୁଷ୍ଟ ହେବା

**ଆଦିପୁସ୍ତକ ୪ :୩-୭**
**୩ ସମୟାନୁକ୍ରମେ କୟିନ ସଦାପ୍ରଭୁଙ୍କ ଉଦ୍ଦେଶରେ ଭୂମ୍ୟୁତ୍ପନ୍ନ ଫଳ ଆଣି ଉତ୍ସର୍ଗ କଲେ ।**

**୪ ଆଉ ହେବଲ ମଧ୍ୟ ନିଜ ପଲର ପ୍ରଥମଜାତ କେତେକ ପଶୁ ଓ ସେମାନଙ୍କ ମେଦ ଉତ୍ସର୍ଗ କଲେ । ସଦାପ୍ରଭୁ ହେବଲଙ୍କୁ ଓ ତାଙ୍କର ନୈବେଦ୍ୟକୁ ଗ୍ରାହ୍ୟ କଲେ ।**
**୫ ମାତ୍ର କୟିନଙ୍କୁ ଓ ତାଙ୍କର ନୈବେଦ୍ୟକୁ ସେ ଅଗ୍ରାହ୍ୟ କଲେ । ଏହେତୁ କୟିତ ଅତି କ୍ରୋଧ କରି ଅଧୋମୁଖ ହେଲେ ।**
**୬ ତହିଁରେ ସଦାପ୍ରଭୁ କୟିନଙ୍କୁ କହିଲେ, ତୁମ୍ଭେ କାହିଁକି କ୍ରୋଧ କରୁଅଛ ? ଆଉ କାହିଁକି ଅଧୋମୁଖ ହେଉଅଛ ?**
**୭ ସତ୍କର୍ମ କଲେ, କି ତୁମ୍ଭେ ଉର୍ଦ୍ଧ୍ୱମୁଖ ହେବ ନାହିଁ ? ସତ୍କର୍ମ ନ କଲେ, ପାପ ଦ୍ୱାରରେ ଛକିଥାଏ; ତୁମ୍ଭ ପ୍ରତି ତାହାର ବାସନା ରହିବ, ମାତ୍ର ତୁମ୍ଭେ ତାହା ଉପରେ କର୍ତ୍ତୃତ୍ୱ କରିବ ।**

କୟିନ ରାଗିଯାଇଥିଲେ ଓ ବିଷଣ୍ଣ ଥିଲେ । ସେ ଚାପାକ୍ରୋଧରେ ଗୁମ୍ ହୋଇଯାଇଥିଲେ । ତାଙ୍କ ମୁହଁରେ କ୍ରୋଧ ପ୍ରକଟିତ ହେଉଥିଲା । ସେ ଈଶ୍ୱରଙ୍କ ଉପରେ ନାରାଜ ଥିଲେ । କୟିନଙ୍କ ଦୃଷ୍ଟିରେ ଈଶ୍ୱର ଅନୁଚିତ, ପକ୍ଷପାତୀ ଓ ଅନ୍ୟାୟ ବ୍ୟବହାର କରିଛନ୍ତି । କିନ୍ତୁ ଈଶ୍ୱର ଯଥାର୍ଥ ଥିଲେ । ଈଶ୍ୱରଙ୍କ ନିକଟରେ ଗ୍ରାହ୍ୟବଳି ଉତ୍ସର୍ଗ କରିବାକୁ ହେବଲଙ୍କ ପରି କୟିନଙ୍କର ମଧ୍ୟ ସମାନ ସୁଯୋଗ ଥିଲା । କିନ୍ତୁ କୟିନ ଚାହିଁଲେ ଈଶ୍ୱର ତାଙ୍କର ସର୍ତ୍ତରେ ରାଜି ହୋଇଯାଆନ୍ତୁ । ଏହାକୁ ଗର୍ବ କୁହାଯିବ ।

କୟିନ ବିଘ୍ନ ସକାଶୁ ଈଶ୍ୱରଙ୍କୁ ଦାୟୀ କଲେ ଏବଂ ଈଶ୍ୱରଙ୍କ ନିର୍ଦ୍ଧାରିତ ମାର୍ଗରେ ତାହାଙ୍କ ନିକଟକୁ ଆସିବା ପାଇଁ ଅନିଚ୍ଛୁକ ହେଲେ । ଏହି ବିଘ୍ନ ଓ ଗର୍ବର ସୁଯୋଗ ନେଇ ପାପ କୟିନକୁ ଧରିବା ପାଇଁ ଛକି ବସିଥିଲା । କିନ୍ତୁ ଈଶ୍ୱର ଚାହୁଁଥିଲେ ଯେ କୟିନ ତାହାଙ୍କ ମାର୍ଗରେ କର୍ମ କରି ପାପ ଉପରେ ଜୟଲାଭ କରନ୍ତୁ ।

ବେଳେବେଳେ ବିଶ୍ୱାସୀମାନେ ବିଘ୍ନ ସକାଶୁ ଈଶ୍ୱରଙ୍କୁ ଦାୟୀ କରନ୍ତି । ଜୀବନର ବିଭିନ୍ନ ପରିସ୍ଥିତିକୁ ନେଇ ସେମାନେ ମନେ କରନ୍ତି ଯେ ଈଶ୍ୱର ସେମାନଙ୍କ ପ୍ରତି ଅନୁଚିତ ଓ ଅନ୍ୟାୟ ବ୍ୟବହାର କରିଛନ୍ତି । ସେମାନେ ମନେ କରନ୍ତି ସେମାନେ ଆହୁରି ଉତ୍ତମ ବିଷୟ ପାଇବାକୁ ଯୋଗ୍ୟ ଅଟନ୍ତି । ସେମାନେ ବୁଝି ପାରନ୍ତି ନାହିଁ କାହିଁକି ଅନ୍ୟ କେହି ଅଧିକ ଆଶୀର୍ବାଦ ପ୍ରାପ୍ତ ହେଲା, ବା କାହିଁକି ଅନ୍ୟ କେହି ସେମାନଙ୍କ ଅପେକ୍ଷା ଅଧିକ ଉତ୍ତମ ବିଷୟ ପାଇଲା । ଈଶ୍ୱର ସେମାନଙ୍କ ସର୍ତ୍ତ ଅନୁସାରେ କାର୍ଯ୍ୟ କରନ୍ତୁ ବୋଲି ସେମାନେ ଚାହାନ୍ତି । ଏହା ଆତ୍ମିକ ଗର୍ବ । ଗର୍ବ ସକାଶୁ ଆମେ ବିଘ୍ନ ଘଟିଲେ ଈଶ୍ୱରଙ୍କୁ ଦାୟୀ କରିଥାଉ । ଯେତେବେଳେ ଜଣେ ବିଘ୍ନ ସକାଶୁ ଈଶ୍ୱରଙ୍କୁ ଦାୟୀ କରିଥାଏ, ପାପ ତା' ଉପରେ କର୍ତ୍ତୃତ୍ୱ କରିବା ପାଇଁ ଦ୍ୱାରରେ ଛକି ବସିଥାଏ । ଏହି ବିଘ୍ନ ପାପର ପ୍ରବେଶ

ଦ୍ୱାର ସଦୃଶ କାର୍ଯ୍ୟ କରେ, ଫଳରେ ଶୟତାନ ଆସି ବିଶ୍ୱାସୀ ଜୀବନର ଦୁର୍ବଳ କ୍ଷେତ୍ରକୁ ଦଖଲ କରି ନିଏ ।

ଏହାର ପ୍ରତିବିଧାନ ହେଉଛି ଅନୁତାପ କରିବା । ଈଶ୍ୱରଙ୍କ ନିକଟକୁ ଆସି ସ୍ୱୀକାର କରିବାକୁ ହେବ ଯେ ସେ ସର୍ବଦା ଉତ୍ତମ, ଯଥାର୍ଥ ଓ ନ୍ୟାୟବାନ୍ । ଆମେ ହିଁ ତାଙ୍କୁ ଭୁଲ ବୁଝିଥାଉ । ଆମେ ହିଁ ଗର୍ବାଚରଣ କରିଥାଉ ଓ ଆମରି ମାର୍ଗରେ ସବୁକିଛି ସାଧିତ ହେଉ ବୋଲି ଚାହିଁଥାଉ ।

## *ଜଣେ ଭାବବାଦୀଙ୍କର ହତାଶାଭାବ*

**ମାଥିଉ ୧୧:୨-୬**

**୨ ଏଥିମଧ୍ୟରେ ଯୋହନ ଖ୍ରୀଷ୍ଟଙ୍କ କର୍ମର ବିବରଣ କାରାଗାରରେ ଶୁଣି ଆପଣା ଶିଷ୍ୟମାନଙ୍କ ଦ୍ୱାରା ତାହାଙ୍କୁ ପଚାରି ପଠାଇଲେ,**
**୩ ଯାହାଙ୍କର ଆଗମନ ହେବ, ସେହି ବ୍ୟକ୍ତି କି ଆପଣ, ଅବା ଆମ୍ଭେମାନେ ଅନ୍ୟ ଜଣଙ୍କ ଅପେକ୍ଷାରେ ରହିବୁ ?**
**୪ ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, ତୁମ୍ଭେମାନେ ଯାଇ, ଯାହା ଯାହା ଶୁଣୁଅଛ ଓ ଦେଖୁଅଛ, ସେହିସବୁ ଯୋହନଙ୍କୁ ଜଣାଅ;**
**୫ ଅନ୍ଧମାନେ ଦୃଷ୍ଟି ପାଆନ୍ତି, ଖଞ୍ଜମାନେ ଗମନ କରନ୍ତି, କୁଷ୍ଠୀମାନେ ଶୁଚି ହୁଅନ୍ତି, ବଧିରମାନେ ଶ୍ରବଣ କରନ୍ତି, ମୃତମାନେ ଉତ୍‌ଥାପିତ ହୁଅନ୍ତି, ପୁଣି ଦରିଦ୍ରମାନଙ୍କ ନିକଟରେ ସୁସମାଚାର ପ୍ରଚାରିତ ହୁଏ;**
**୬ ଆଉ, ଯେ କେହି ମୋ'ଠାରେ ବିଘ୍ନର କାରଣ ନ ପାଏ, ସେ ଧନ୍ୟ ।**

ଏହି ଦୃଶ୍ୟକୁ କଳ୍ପନା କରନ୍ତୁ । ବାପ୍ତିଜକ ଯୋହନ ଐଶରିକ ଚାଳନା ଦ୍ୱାରା ଯୀଶୁଙ୍କୁ ଚିହ୍ନି ପାରିଥିଲେ, ଜଗତ ନିକଟରେ ତାଙ୍କୁ ପରିଚିତ କରାଇଥିଲେ । ଯୋହନ ହିଁ ଯୀଶୁଙ୍କୁ ଜଗତର ପାପ ବହନକାରୀ ଈଶ୍ୱରଙ୍କ ମେଷଶାବକ ଭାବରେ ଘୋଷଣା କରିଥିଲେ । ଯୋହନ ହିଁ ପ୍ରକାଶ କରିଥିଲେ ଯେ ଯୀଶୁ ପବିତ୍ର ଆତ୍ମାରେ ବାପ୍ତିସ୍ମ ଦେବେ । ଯୋହନ କାରାଗାରରେ ରହିଲେ ଓ ଯୀଶୁ ତାଙ୍କର ସେବାକାର୍ଯ୍ୟ କରି ଚାଲିଥିଲେ, କିନ୍ତୁ ସେ ଯୋହନଙ୍କୁ କାରାଗାରରୁ ମୁକ୍ତ କରିବା ଦିଗରେ କିଛି କରି ନ ଥିଲେ । ଚିନ୍ତା କରନ୍ତୁ ଯୋହନଙ୍କ ମନରେ କ'ଣ ପ୍ରତିକ୍ରିୟା ହୋଇଥିବ । ଯଦି ଯୀଶୁ ପ୍ରକୃତରେ ମଶିହ, ତେବେ ସେ ତାଙ୍କୁ ନିଶ୍ଚିତରୂପେ କାରାଗାରରୁ ମୁକ୍ତ କରିପାରିଥାନ୍ତେ । କିନ୍ତୁ ସେ କିଛି କରି ନ ଥିଲେ । ସେ କ'ଣ ପ୍ରକୃତରେ ମଶିହ । ତେଣୁ ଯୋହନ ତାଙ୍କ ଶିଷ୍ୟମାନଙ୍କୁ ଯୀଶୁଙ୍କ ନିକଟକୁ ପଠାଇଥିଲେ ଯେପରି ସେମାନେ ଯୀଶୁ ମଶିହ କି ନୁହନ୍ତି ଅନୁସନ୍ଧାନ କରନ୍ତି ।

ଯୀଶୁ ଯୋହନଙ୍କୁ ଯେଉଁ ପ୍ରତ୍ୟୁତ୍ତର ଦେଲେ ସେଥିରେ ସେ ଶେଷରେ ତାଙ୍କୁ ଉତ୍ସାହିତ କରି କହିଲେ ଯେପରି ସେ ତାହାଙ୍କଠାରେ ବିଘ୍ନର କାରଣ ନ ପାଆନ୍ତି । ସରଳ ଭାବରେ କହିଲେ, ଯୀଶୁ କହିଥିଲେ, "ଯୋହନ, ମୁଁ ଜାଣେ ତୁମେ କାରାଗାରରେ ରହିଥିବାରୁ ନିରାଶ ହୋଇଯାଇଛ । କିନ୍ତୁ ତୁମ ହୃଦୟରେ ବିଘ୍ନକୁ ସ୍ଥାନ ଦିଅ ନାହିଁ" ।

ଯଦି ଆମେ ମନେ କରୁଛୁ ଯେ ଈଶ୍ୱର ଆମକୁ "ନିରାଶ କରିଛନ୍ତି", ତେବେ ଜାଣନ୍ତୁ ଯେ  ସେ କେବେ କାହାକୁ ନିରାଶ କରନ୍ତି ନାହିଁ । ସର୍ବୋପରି ସେ ବିଘ୍ନ ଘଟାଇଛନ୍ତି ବୋଲି ଯେପରି ଆମେ ଆମ ହୃଦୟରେ ପୋଷଣ ନ କରୁ । ସେ ଜାଣନ୍ତି ପ୍ରତ୍ୟେକ ପରିସ୍ଥିତିରେ କ'ଣ କରିବାକୁ ହେବ ।

## ଯୀଶୁ ଖ୍ରୀଷ୍ଟଙ୍କ ହେତୁ ବିଘ୍ନ ପାଇବା: ବାଧାଜନକ ପାଷାଣ

ଯିଶାଇୟ ଯୀଶୁ ଖ୍ରୀଷ୍ଟଙ୍କ ବିଷୟରେ ଭାବବାଣୀ ପ୍ରକାଶ କରି କହନ୍ତି ଯେ ସେ ବିଘ୍ନଜନକ ପ୍ରସ୍ତର ଓ ବାଧାଜନକ ପାଷାଣ ସଦୃଶ ହେବେ ।

**ଯିଶାଇୟ ୮:୧୩-୧୫**

**୧୩ ସୈନାଧିପତି ସଦାପ୍ରଭୁଙ୍କୁ ହିଁ ତୁମ୍ଭେମାନେ ପବିତ୍ର ରୂପେ ମାନ୍ୟ କରିବ, ପୁଣି ସେ ତୁମ୍ଭମାନଙ୍କର ଭୟସ୍ଥାନ ହେଉନ୍ତୁ ଓ ସେ ତୁମ୍ଭମାନଙ୍କର ତ୍ରାସ-ଭୂମି ହେଉନ୍ତୁ ।**
**୧୪ ତହିଁରେ ସେ ପବିତ୍ର ଆଶ୍ରୟ ସ୍ୱରୂପ ହେବେ, ମାତ୍ର ଇସ୍ରାଏଲର ଉଭୟ ବଂଶ ପ୍ରତି ବିଘ୍ନଜନକ ପ୍ରସ୍ତର ଓ ବାଧାଜନକ ପାଷାଣ ହେବେ, ଯିରୁଶାଲମନିବାସୀମାନଙ୍କ ପ୍ରତି ଫାଶ ଓ ଫାନ୍ଦ ସ୍ୱରୂପ ହେବେ ।**
**୧୫ ଆଉ, ଅନେକ ଲୋକ ତଦ୍ଦ୍ୱାରା ବିଘ୍ନ ପାଇ ପତିତ ଓ ଭଗ୍ନ ହେବେ ଓ ଫାନ୍ଦରେ ପଡ଼ି ଧରାଯିବେ ।**

**ଯିଶାଇୟ ୨୮:୧୬**

**ଏଥିପାଇଁ ପ୍ରଭୁ ସଦାପ୍ରଭୁ ଏହି କଥା କହନ୍ତି, ଦେଖ, ଆମ୍ଭେ ଭିତ୍ତିମୂଳ ନିମନ୍ତେ ସିୟୋନରେ ଏକ ପ୍ରସ୍ତର, ପରୀକ୍ଷାସିଦ୍ଧ ପ୍ରସ୍ତର, ଦୃଢ଼ ଭିତ୍ତିମୂଳ ସ୍ୱରୂପ ବହୁମୂଲ୍ୟ କୋଣପ୍ରସ୍ତର ସ୍ଥାପନ କରୁଅଛୁ; ଯେ ବିଶ୍ୱାସ କରେ, ସେ ଚଞ୍ଚଳ ହେବ ନାହିଁ ।**

ଉଭୟ ପ୍ରେରିତ ପାଉଲ ଓ ପ୍ରେରିତ ପିତର ଯୀଶୁ ଖ୍ରୀଷ୍ଟଙ୍କ ସମ୍ବନ୍ଧୀୟ ଯିଶାଇୟଙ୍କ ଉପରୋକ୍ତ ଭାବବାଣୀକୁ ରୋମୀୟ ଓ ୧ ପିତର ପୁସ୍ତକରେ ଉଦ୍ଧୃତ କରନ୍ତି ।

ଯିହୁଦୀମାନେ ଯୀଶୁଙ୍କୁ ଅଗ୍ରାହ୍ୟ କରିଥିଲେ କାରଣ ମଶିହଙ୍କ ବିଷୟରେ ସେମାନେ ଯାହା ଆଶା ରଖିଥିଲେ ଯୀଶୁ ତାହା ପୂରଣ କରି ନ ଥିଲେ । ଯିଶାଇୟଙ୍କ ଭାବବାଣୀ ଯେ ସଫଳ ହୋଇଥିଲା ତାହା ରୋମୀୟ ୯:୩୦-୩୩ରେ ପ୍ରେରିତ ପାଉଲ ଲେଖନ୍ତି ।

ଇଶ୍ରାଏଲ ଯୀଶୁ ଖ୍ରୀଷ୍ଟଙ୍କଠାରେ ଝୁଣ୍ଟି ପଡ଼ିଥିଲେ, କାରଣ ସେମାନେ ବିଶ୍ୱାସ ଦ୍ୱାରା ଧାର୍ମିକତା ପ୍ରାପ୍ତ ହେବାରେ ବିଫଳ ହୋଇଥିଲେ । ସେମାନେ ବ୍ୟବସ୍ଥା ଦ୍ୱାରା ଧାର୍ମିକ ଗଣିତ ହେବାକୁ ଚାହୁଁଥିଲେ ।

ଏ ବିଷୟରେ ପିତର ଲେଖନ୍ତି:

**୧ପିତର ୨:୬-୮**
**୬ କାରଣ ଶାସ୍ତ୍ରରେ ଲିଖିତ ଅଛି, ଦେଖ, ଆମ୍ଭେ ସିୟୋନରେ ଗୋଟିଏ ମନୋନୀତ ଓ ବହୁମୂଲ୍ୟ କୋଣର ପ୍ରଧାନ ପ୍ରସ୍ତର ସ୍ଥାପନ କରୁଅଛୁ, ଆଉ ଯେ ତାହାଙ୍କଠାରେ ବିଶ୍ୱାସ କରିବ, ସେ ଲଜ୍ଜିତ ହେବ ନାହିଁ ।**
**୭ ଏଣୁ ବିଶ୍ୱାସ କରୁଅଛ ଯେ ତୁମ୍ଭେମାନେ, ତୁମ୍ଭେମାନେ ସେହି ମହାମୂଲ୍ୟର ଅଂଶୀ ଅଟ, କିନ୍ତୁ ଯେଉଁମାନେ ବିଶ୍ୱାସ କରନ୍ତି ନାହିଁ, ଗୃହନିର୍ମାଣକାରୀମାନେ ଯେଉଁ ପ୍ରସ୍ତରକୁ ଅଗ୍ରାହ୍ୟ କଲେ, ତାହା ସେମାନଙ୍କ ନିମନ୍ତେ କୋଣର ପ୍ରଧାନ ପ୍ରସ୍ତର,**
**୮ ପୁଣି, ବାଧାଜନକ ପ୍ରସ୍ତର ଓ ବିଘ୍ନଜନକ ପାଷାଣସ୍ୱରୂପ ହେଲା ; ବାକ୍ୟର ଅନାଜ୍ଞାବହ ହେବାରୁ ସେମାନେ ବାଧା ପାଆନ୍ତି, ଆଉ ଏନିମନ୍ତେ ମଧ୍ୟ ସେମାନେ ନିରୂପିତ ହୋଇଥିଲେ ।**

ବିଶ୍ୱାସକାରୀ ଯେ ଆମେମାନେ, ଆମ ନିମନ୍ତେ ଯୀଶୁ ଖ୍ରୀଷ୍ଟ କୋଣର ପ୍ରଧାନ ପ୍ରସ୍ତର ଅଟନ୍ତି ଏବଂ ସେ ଅମୂଲ୍ୟ ଅଟନ୍ତି । ତଥାପି ଅନେକଙ୍କ ନିମନ୍ତେ ସେ ବାଧାଜନକ ପ୍ରସ୍ତର ଓ ବିଘ୍ନଜନକ ପାଷାଣସ୍ୱରୂପ ଅଟନ୍ତି ।

ଯୀଶୁ ଖ୍ରୀଷ୍ଟ ଅନେକଙ୍କ ନିମନ୍ତେ ବିଘ୍ନସ୍ୱରୂପ, ଏବଂ ସେମାନେ ଏହାକୁ ତାହାଙ୍କର ଲୋକ ଯେ ଆମେମାନେ, ଆମ ନିକଟରେ, ଅର୍ଥାତ୍ ତାହାଙ୍କର ମଣ୍ଡଳୀ ନିକଟରେ ପହଞ୍ଚାଇଥାନ୍ତି । ଯଦି ଲୋକେ ଆପଣଙ୍କ ଖ୍ରୀଷ୍ଟ ବିଶ୍ୱାସ ସକାଶେ ଆପଣଙ୍କୁ ବାଧାବିଘ୍ନ ପହଞ୍ଚାନ୍ତି, ତେବେ ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଆପଣଙ୍କ ମଧ୍ୟରେ ଖ୍ରୀଷ୍ଟ ବାସ କରୁଥିବାରୁ ଲୋକେ ବିଘ୍ନ ପାଆନ୍ତି । ସେଥିଯୋଗୁଁ ପ୍ରେରିତ ପାଉଲ ଲେଖନ୍ତି: *"କାରଣ ପରିତ୍ରାଣ ପାଉଥିବା ଓ ବିନାଶ ହେଉଥିବା ଲୋକମାନଙ୍କ ମଧ୍ୟରେ ଆମ୍ଭେମାନେ ଈଶ୍ୱରଙ୍କ ଦୃଷ୍ଟିରେ ଖ୍ରୀଷ୍ଟଙ୍କର ସୁଗନ୍ଧସ୍ୱରୂପ, ଏକ ପକ୍ଷର ଲୋକଙ୍କ ପ୍ରତି ମୃତ୍ୟୁଦାୟକ ଓ ଅନ୍ୟ ପକ୍ଷର ଲୋକଙ୍କ ପ୍ରତି ଜୀବନଦାୟକ ସୁବାସସ୍ୱରୂପ । ଆଉ ଏହିସମସ୍ତ ନିମନ୍ତେ କିଏ ସମର୍ଥ ?"* (୨କରିନ୍ଥୀୟ ୨:୧୫-୧୬) ।

ଯୀଶୁ ତାଙ୍କ ଶିଷ୍ୟମାନଙ୍କୁ କହିଥିଲେ ଯେ ସେମାନେ ତାଙ୍କର କ୍ରୁଶାର୍ପଣ ସମୟରେ ବିଘ୍ନପାଇବେ । *"ସେତେବେଳେ ଯୀଶୁ ସେମାନଙ୍କୁ କହିଲେ, ଏହି ରାତ୍ରିରେ ତୁମ୍ଭେମାନେ*

*ସମସ୍ତେ ମୋ'ଠାରେ ବିଘ୍ନ ପାଇବ, କାରଣ ଲେଖା ଅଛି, ଆମ୍ଭେ ମେଷପାଳକକୁ ପ୍ରହାର କରିବା, ଆଉ ପଲର ମେଷଗୁଡ଼ିକ ଛିନ୍ନଭିନ୍ନ ହୋଇଯିବେ । କିନ୍ତୁ ପିତର ତାହାଙ୍କୁ ଉତ୍ତର ଦେଲେ, ଯଦ୍ୟପି ସମସ୍ତେ ଆପଣଙ୍କଠାରେ ବିଘ୍ନ ପାଇବେ, ତଥାପି ମୁଁ କେବେ ହେଁ ପାଇବି ନାହିଁ"* (ମାଥିଉ ୨୬:୩୧,୩୩) । ପିତର ସାହସିକ ଦେଖାଇବାକୁ ଚେଷ୍ଟା କଲେ, କିନ୍ତୁ ଝୁଣ୍ଟି ପଡ଼ିଲେ ।

ଯୀଶୁ ଅନ୍ୟାନ୍ୟ ସ୍ଥାନରେ ବି କହିଛନ୍ତି ଯେ ତାଙ୍କ ଶିଷ୍ୟମାନେ ବିଘ୍ନ ପାଇବେ । ଉଦାହରଣ ସ୍ୱରୂପ- *"ତୁମ୍ଭେମାନେ ଯେପରି ବିଘ୍ନ ନ ପାଅ, ଏଥିନିମନ୍ତେ ମୁଁ ତୁମ୍ଭମାନଙ୍କୁ ଏହିସମସ୍ତ କଥା କହିଅଛି । ସେମାନେ ତୁମ୍ଭମାନଙ୍କୁ ସମାଜଚ୍ୟୁତ କରିବେ, ହଁ, ଏପରି ସମୟ ଆସୁଅଛି, ଯେତେବେଳେ ଯେକେହି ତୁମ୍ଭମାନଙ୍କୁ ବଧ କରେ, ସେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଉପାସନାରୂପ ବଳି ଉତ୍ସର୍ଗ କରୁଅଛି ବୋଲି ମନେ କରିବ"* (ଯୋହନ ୧୬:୧-୨) ।

ତେଣୁ ବିଶ୍ୱାସୀମାନେ ସେମାନଙ୍କର ଖ୍ରୀଷ୍ଟ ବିଶ୍ୱାସ ହେତୁ ବିଘ୍ନ ପାଇବେ ।

## ବାକ୍ୟ ଓ ଆତ୍ମାଙ୍କ ସକାଶୁ ବିଘ୍ନ ପାଇବା

ଯିଶାଇୟଙ୍କ ଏହି ଭାବବାଣୀକୁ ଦେଖନ୍ତୁ

**ଯିଶାଇୟ ୨୮:୯-୧୩**

**୯ ସେ କାହାକୁ ଜ୍ଞାନ ଶିକ୍ଷା ଦେବ ? ସେ କାହାକୁ ସମାଚାର ବୁଝାଇ ଦେବ ? କି ଦୁଗ୍ଧତ୍ୟାଗୀ ଓ ସ୍ତନ୍ୟପାନରୁ ନିବୃତ୍ତ ଶିଶୁମାନଙ୍କୁ ?**

**୧୦ କାରଣ, ଏ ତ ବିଧି ଉପରେ ବିଧି, ବିଧି ଉପରେ ବିଧି; ଧାଡ଼ି ଉପରେ ଧାଡ଼ି, ଧାଡ଼ି ଉପରେ ଧାଡ଼ି; ଏଠି ଅଳ୍ପ, ସେଠି ଅଳ୍ପ ।**

**୧୧ ନା, ମାତ୍ର ସେ ବିଦେଶୀୟ ଓଷ୍ଠାଧର ଓ ପରଭାଷା ଦ୍ୱାରା ଏହି ଲୋକମାନଙ୍କୁ କଥା କହିବେ;**

**୧୨ ସେ ସେମାନଙ୍କୁ କହିଲେ, ଏହି ବିଶ୍ରାମ, ତୁମ୍ଭେମାନେ କ୍ଳାନ୍ତ ଲୋକମାନଙ୍କୁ ବିଶ୍ରାମ ଦିଅ; ପୁଣି, ଏହି ତ ଆରାମ; ମାତ୍ର ସେମାନେ ଶୁଣିବାକୁ ସମ୍ମତ ହେଲେ ନାହିଁ ।**

**୧୩ ଏହେତୁ ସେମାନେ ଯେପରି ଯାଇ ପଶ୍ଚାତ୍ ପଡ଼ି ଭଗ୍ନ ହେବେ ଓ ଫାନ୍ଦରେ ପଡ଼ିବେ ଓ ଧୃତ ହେବେ, ଏଥିପାଇଁ ସେମାନଙ୍କ ପ୍ରତି ସଦାପ୍ରଭୁଙ୍କର ବାକ୍ୟ ବିଧି ଉପରେ ବିଧି, ବିଧି ଉପରେ ବିଧି; ଧାଡ଼ି ଉପରେ ଧାଡ଼ି, ଧାଡ଼ି ଉପରେ ଧାଡ଼ି; ଏଠି ଅଳ୍ପ, ସେଠି ଅଳ୍ପ ହେବ ।**

ଅନେକ ସମୟରେ ଲୋକେ ଈଶ୍ୱରଙ୍କ ବାକ୍ୟ, ଈଶ୍ୱରଙ୍କ ସତ୍ୟ ସକାଶୁ ବିଘ୍ନ ପାଆନ୍ତି । ବାକ୍ୟ ଆମକୁ ଗଢ଼ିଥାଏ, ଆମକୁ ଜ୍ଞାନ ଓ ବୁଦ୍ଧି ପ୍ରଦାନ କରିଥାଏ । ଯିଶାଇୟ ୨୮:୧୧-

୧୨ ଆତ୍ମାଙ୍କ କାର୍ଯ୍ୟ ଓ ପରଭାଷାରେ କହିବା ବିଷୟ ପ୍ରକାଶ କରେ । ପାଉଲ ଏହି ଶାସ୍ତ୍ରାଂଶକୁ ୧କରିନ୍ଥୀୟ ୧୪:୨୧ରେ ଉଦ୍ଧୃତ କରନ୍ତି । ତଥାପି ଲୋକମାନେ ଏହାକୁ ପ୍ରତ୍ୟାଖ୍ୟାନ କରନ୍ତି । ସେମାନେ ଝୁଣ୍ଟି ପଡ଼ନ୍ତି, ପଡ଼ିଯାଆନ୍ତି, ପ୍ରତିବନ୍ଧକ ଓ ଫାନ୍ଦର ସମ୍ମୁଖୀନ ହୁଅନ୍ତି, କାରଣ ସେମାନେ ବାକ୍ୟ ଓ ଆତ୍ମାଙ୍କୁ ଗ୍ରହଣ କରିବାରେ ବିଫଳ ହୋଇଥାନ୍ତି ।

ଏହା ଜଣେ ବିଶ୍ୱାସୀର ଜୀବନକୁ ନିମ୍ନମତେ ପ୍ରଭାବିତ କରିଥାଏ:

***ଯେତେବେଳେ ଈଶ୍ୱର ଆପଣଙ୍କ ଜ୍ଞାନ ବୃଦ୍ଧି କରନ୍ତି***

ଅନେକ ସମୟରେ ଆପଣ ବିଶ୍ୱାସୀ ହୋଇଥିଲେ ମଧ୍ୟ ଆପଣ ବାକ୍ୟ ଓ ଆତ୍ମାଙ୍କ ସକାଶେ ବିଘ୍ନ ପାଇଥାନ୍ତି, କାରଣ ଅନେକ ବିଷୟ ଗ୍ରହଣ କରିବା ସମ୍ଭବ ହୋଇ ନ ଥାଏ । ହୃଦୟକୁ ଅନାବୃତ କରିବାକୁ ଯାଇ ଈଶ୍ୱର ଆମ ମନରେ ବିଘ୍ନ ପହଞ୍ଚାଇଥାନ୍ତି । ଆପଣ ଯେତେବେଳେ ମନେ କରୁଥିବେ ଯେ ଆପଣ ଧର୍ମଶାସ୍ତ୍ରର ସଠିକ୍ ଶିକ୍ଷା ପ୍ରାପ୍ତ ହୋଇଛନ୍ତି ଓ ପବିତ୍ର ଆତ୍ମାଙ୍କ ଦ୍ୱାରା ସିଦ୍ଧରୂପେ ଚାଳିତ ହେଉଛନ୍ତି, ସେତେବେଳେ ଅନ୍ୟ କାହା ସଙ୍ଗେ ଆପଣଙ୍କର ଭେଟ ହୁଏ ଯେ କି ବାକ୍ୟ ଓ ଆତ୍ମାରେ ଏପରି ଭାବେ ଚାଳିତ ହୁଅନ୍ତି ଯାହା ଆପଣଙ୍କୁ ଚକିତ କରେ । ଆପଣ ସେଥିରେ ହଲଚଲ ହୋଇଯାଆନ୍ତି । ଆପଣ ଏକ ନିର୍ଣ୍ଣୟ ନିଅନ୍ତି । ଆପଣ ଏଥିରେ ବିଘ୍ନ ପାଇ ପାରନ୍ତି ଓ ଏହାକୁ ଅଗ୍ରାହ୍ୟ କରିପାରନ୍ତି କିଅବା ଆପଣ ଈଶ୍ୱରଙ୍କ ନିକଟରେ ଭିକ୍ଷା କରନ୍ତି, ଯେପରି କି ସେ ଆପଣଙ୍କର ଆତ୍ମିକ ଜ୍ଞାନ, ସାମର୍ଥ୍ୟ ଓ ଅନୁଭବ ବୃଦ୍ଧି ଓ ବ୍ୟାପକ କରିବା ନିମନ୍ତେ ଆପଣଙ୍କୁ ଅନୁଗ୍ରହ ପ୍ରଦାନ କରନ୍ତି । (ନୋଟ: ଏଠାରେ ଆମେ ଭ୍ରାନ୍ତ ଶିକ୍ଷା ବିଷୟରେ କହୁନାହୁଁ, ମାତ୍ର ଈଶ୍ୱରଙ୍କଠାରୁ ପ୍ରାପ୍ତ ଶିକ୍ଷା, ଯାହା ସହିତ ଆପଣ ପ୍ରାୟ ପରିଚିତ ନୁହନ୍ତି ।)

ଯଦି ଆପଣ କୌଣସି ବିଷୟ ବୁଝିପାରୁ ନାହାନ୍ତି, ତାକୁ ନେଇ ଯୁକ୍ତିତର୍କ ଲଢ଼େଇ କରିବା ଭୁଲ ଅଟେ । ଖ୍ରୀଷ୍ଟୀୟ ଜଗତରେ ବିଶ୍ୱାସୀମାନଙ୍କ ମଧ୍ୟରେ କାଦୁଅ ଫିଙ୍ଗାଫିଙ୍ଗି ହେବା ଦେଖାଯାଇଥାଏ, କାରଣ ସେମାନେ ଅନ୍ୟ କାହାଦେଇ ବାକ୍ୟ ଓ ଆତ୍ମାଙ୍କ କାର୍ଯ୍ୟ ହେବା ଦେଖି ଝୁଣ୍ଟି ପଡ଼ିଥାଆନ୍ତି । ସେମାନେ ବାକ୍ୟ ଓ ଆତ୍ମାଙ୍କ ଅଭିବ୍ୟକ୍ତିକୁ ଗ୍ରହଣ କରି ନ ପାରି ବିଘ୍ନ ପାଇଥାନ୍ତି ଓ ଯାହା ସେମାନେ ବୁଝନ୍ତି ନାହିଁ ତାକୁ ଅଗ୍ରାହ୍ୟ କରନ୍ତି ।

***ଯେତେବେଳେ ଆପଣଙ୍କ ମଧ୍ୟରେ ହେଉଥିବା ଈଶ୍ୱରଙ୍କ କାର୍ଯ୍ୟକୁ ଅନ୍ୟମାନେ ଭୁଲ ବୁଝନ୍ତି***

ବାକ୍ୟ ଓ ଆତ୍ମାଙ୍କ ସକାଶୁ ମଧ୍ୟ ଜଣେ ବିଶ୍ୱାସୀ ବିଘ୍ନ ପାଇଥାଏ, ଯେତେବେଳେ ଅନ୍ୟମାନେ

ଆପଣଙ୍କ ଜୀବନରେ ଈଶ୍ୱର ଯେଉଁ କାର୍ଯ୍ୟ କରନ୍ତି ତାହା ବୁଝି ନ ପାରି ଆପଣଙ୍କୁ ଆକ୍ରମଣ କରିଥାନ୍ତି । ସେମାନେ ଆପଣଙ୍କୁ ଅପମାନିତ, ଥଟ୍ଟା ପରିହାସ, ସମାଲୋଚନା କରିବେ ଓ ଗାଳି ଦେବେ, କାରଣ ଈଶ୍ୱର ତାହାଙ୍କ ବାକ୍ୟ ଓ ଆତ୍ମାଙ୍କଦ୍ୱାରା ଆପଣଙ୍କ ମଧ୍ୟ ଦେଇ ଯେଉଁ କାର୍ଯ୍ୟ କରୁଛନ୍ତି, ତାହା ସେମାନେ ବୁଝିବାରେ ଅକ୍ଷମ ହୋଇଥାନ୍ତି ।

ବୀଜ ବୁଣାଳିର ଦୃଷ୍ଟାନ୍ତରେ ପଥୁରିଆ ଭୂଇଁରେ ପଡ଼ିଥିବା ବିହନର ଦଶା କ'ଣ ହୁଏ ତାହା ଯୀଶୁ କହନ୍ତି । ଏପରି ଜଣେ ବ୍ୟକ୍ତି ବାକ୍ୟ ସକାଶେ କ୍ଲେଶ ବା ତାଡ଼ନା ଆସିଲେ ସେହିକ୍ଷଣି ବିଘ୍ନ ପାଏ ।

**ମାଥିଉ ୧୩:୨୧**
**ପରେ ବାକ୍ୟ ସକାଶେ କ୍ଲେଶ ବା ତାଡ଼ନା ଘଟିଲେ ସେହିକ୍ଷଣି ବିଘ୍ନ ପାଏ, ସେହି ଜଣକ ବୁଣାଯାଇଥିବା ପଥୁରିଆ ଭୂମି ସଦୃଶ ।**

ପ୍ରେରିତ ପାଉଲ ସେ ସମୟରେ ସୁନ୍ନତ୍ ବିଧି ବଦଳରେ କ୍ରୁଶର ସମ୍ବାଦ ପ୍ରଚାର କରୁଥିବାରୁ ବିଘ୍ନ ପାଇଥିଲେ ।

**ଗାଲାତୀୟ ୫:୧୧**
**କିନ୍ତୁ ହେ ଭାଇମାନେ, ଯଦି ମୁଁ ଏବେ ସୁଦ୍ଧା ସୁନ୍ନତ୍‌ବିଧି ପ୍ରଚାର କରୁଅଛି, ତେବେ କାହିଁକି ମୁଁ ଏଯାଏ ତାଡ଼ନା ଭୋଗ କରୁଅଛି ? ତାହାହେଲେ କ୍ରୁଶ ତ ଆଉ ବିଘ୍ନର କାରଣ ନୁହେଁ ।**

### *ଯେତେବେଳେ ଆତ୍ମାଙ୍କ କାର୍ଯ୍ୟ ଓ ଈଶ୍ୱରଙ୍କ ବାକ୍ୟ ସପକ୍ଷରେ ଠିଆ ହେବା ଜନପ୍ରିୟତାହୀନ ବିଷୟ ହୋଇଥାଏ*

**ଗାଲାତୀୟ ୧:୯-୧୦**
**୯ ଯେପରି ଆମ୍ଭେମାନେ ପୂର୍ବରେ କହିଅଛୁ, ସେହିପରି ମୁଁ ଏବେ ଆଉ ଥରେ କହୁଅଛି, ଯେଉଁ ସୁସମାଚାର ତୁମ୍ଭେମାନେ ଗ୍ରହଣ କରିଥିଲ, ତଦ୍‌ଭିନ୍ନ ଯଦି କୌଣସିଲୋକ ଅନ୍ୟ ସୁସମାଚାର ତୁମ୍ଭମାନଙ୍କ ନିକଟରେ ପ୍ରଚାର କରେ, ତେବେ ସେ ଶାପଗ୍ରସ୍ତ ହେଉ ।**
**୧୦ ମୁଁ କି ଏବେ ମନୁଷ୍ୟମାନଙ୍କର କିମ୍ବା ଈଶ୍ୱରଙ୍କର ପ୍ରିୟପାତ୍ର ହେବାକୁ ଯତ୍ନ କରୁଅଛି ? ଅବା ମନୁଷ୍ୟମାନଙ୍କୁ କି ସନ୍ତୁଷ୍ଟ କରିବାକୁ ଚେଷ୍ଟା କରୁଅଛି ? ଯଦି ମୁଁ ଏବେ ସୁଦ୍ଧା ମନୁଷ୍ୟମାନଙ୍କୁ ସନ୍ତୁଷ୍ଟ କରୁଥାଆନ୍ତି, ତେବେ ମୁଁ ଖ୍ରୀଷ୍ଟଙ୍କର ଦାସ ହୁଅନ୍ତି ନାହିଁ ।**

ରୋମୀୟ ୧ ଅଧ୍ୟାୟରେ ଯେଉଁସବୁ ବିଷୟ ଲୋକପ୍ରିୟ ସାବ୍ୟସ୍ତ ହୋଇଥାଏ ତାହା ବର୍ଣ୍ଣିତ ହୋଇଛି । ଲୋକମାନେ

- ଅଧର୍ମରେ ସତ୍ୟକୁ ପ୍ରତିରୋଧ କରନ୍ତି (ରୋମୀୟ ୧:୧୮)
- ଅସାର ଚିନ୍ତାରେ ଜଡ଼ିତ ହୁଅନ୍ତି । (ରୋମୀୟ ୧:୨୧)

- ଅବୋଧ ମନ ହେତୁ ସେମାନଙ୍କର ହୃଦୟ ଅନ୍ଧକାରମୟ ହୁଏ (ରୋମୀୟ ୧:୨୧)
- ନିଜକୁ ଜ୍ଞାନୀ ମନେ କରି ମୂର୍ଖ ହୁଅନ୍ତି (ରୋମୀୟ ୧:୨୨)
- ଈଶ୍ୱରଙ୍କ ସତ୍ୟ ପରିବର୍ତ୍ତେ ମିଥ୍ୟା ଗ୍ରହଣ କରନ୍ତି (ରୋମୀୟ ୧:୨୫)
- ଈଶ୍ୱର ବିଷୟକ ଜ୍ଞାନ ଗ୍ରହଣ କରିବାକୁ ଅସ୍ୱୀକୃତ ହୁଅନ୍ତି (ରୋମୀୟ ୧:୨୮)
- ଭ୍ରଷ୍ଟମତିରେ, ଅନୁଚିତ କର୍ମ କରନ୍ତି (ରୋମୀୟ ୧:୨୮)
- ମୃତ୍ୟୁଯୋଗ୍ୟ ଆଚରଣ କରନ୍ତି (ରୋମୀୟ ୧:୩୨)
- ମୃତ୍ୟୁଯୋଗ୍ୟ ଆଚରଣ କରୁଥିବା ଲୋକମାନଙ୍କ ପକ୍ଷ ସମର୍ଥନ କରନ୍ତି (ରୋମୀୟ ୧:୩୨)

ଆଜି ଯେତେବେଳେ ଆମେ ବିବାହ, ଯୌନ, ପରିବାର, ସ୍ୱାମୀ/ ସ୍ତ୍ରୀର କର୍ତ୍ତବ୍ୟ, ପିତାମାତାଙ୍କୁ ସମାଦର କରିବା, ସାଧାରଣ ପ୍ରଶାସନକୁ ସମ୍ମାନ କରିବା, ଈଶ୍ୱରଙ୍କ ଦ୍ୱାରା ନିଯୁକ୍ତ ନେତୃତ୍ୱ ପ୍ରତି ଅନୁଗତ ରହିବା, ଇତ୍ୟାଦି ବିଷୟରେ ଈଶ୍ୱର ଯାହା କହନ୍ତି ତାକୁ ନେଇ ଦୃଢ଼ ଶିକ୍ଷା ଦେଲେ ଜଗତ ଆମକୁ ପରିହାସ କରିବ । ସେମାନେ ଏହାକୁ ଅସହିଷ୍ଣୁ, ଧର୍ମାନ୍ଧ ଓ ଘୃଣାଜନକ ଶିକ୍ଷା କହିବେ । ତେବେ ବିଶ୍ୱାସୀ କ'ଣ କରିବ ? ମଣ୍ଡଳୀର ଉତ୍ତର କ'ଣ ରହିବ ? ଖ୍ରୀଷ୍ଟୀୟ ନେତାମାନେ କ'ଣ ଉତ୍ତର ଦେବେ ? ମଣ୍ଡଳୀ ନିକଟରେ ଏକମାତ୍ର ବିକଳ୍ପ ରହିଛି, ଯେପରି ପାଉଲ କହନ୍ତି, *"ସତ୍ୟର ସ୍ତମ୍ଭ ଓ ଭିତ୍ତିମୂଳସ୍ୱରୂପ ଜୀବିତ ଈଶ୍ୱରଙ୍କ ମଣ୍ଡଳୀ"* (୧ତୀମଥି ୩:୧୫) । ସମାଜରେ ସତ୍ୟକୁ ସମର୍ଥନ କରିବା ଓ ଧରିରଖିବା ପାଇଁ ମଣ୍ଡଳୀ ଆହ୍ୱାନ ପ୍ରାପ୍ତ । ବିଘ୍ନ ଏଡ଼ାଇବା ଓ ମନୁଷ୍ୟକୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ଆମେ ଈଶ୍ୱରଙ୍କ ସତ୍ୟ ସଙ୍ଗେ ସାଲିସ କରି ନ ପାରୁ । ସତ୍ୟ ସଙ୍ଗେ ସାଲିସ ନ କରି ଆମେ ପ୍ରେମରେ ସତ୍ୟ କହିବା ଆବଶ୍ୟକ । ଲୋକମାନେ ଯାହା ହୋଇଥିଲେ ମଧ୍ୟ ଆମେ ସେମାନଙ୍କୁ ପ୍ରେମ କରୁ, କିନ୍ତୁ ଈଶ୍ୱରଙ୍କ ସତ୍ୟକୁ ଆମେ ଉପସ୍ଥାପନ କରିବାକୁ ହେବ, କାରଣ ତାହା ପରିବର୍ତ୍ତନ କରିଥାଏ । ଅନେକେ ଈଶ୍ୱରଙ୍କ ବାକ୍ୟର ସତ୍ୟକୁ ଓ ତାହାଙ୍କ ଆତ୍ମାଙ୍କର କାର୍ଯ୍ୟକୁ ବିଘ୍ନଜନକ ମନେ କରିଥାନ୍ତି ଓ ଆକ୍ରାମକ ହୋଇଥାନ୍ତି । କିନ୍ତୁ ଆମ ଆଗରେ ଈଶ୍ୱରଙ୍କ ବାକ୍ୟକୁ ସମର୍ଥନ କରି ଦୃଢ଼ଭାବରେ ଠିଆ ହେବା ବ୍ୟତୀତ ଅନ୍ୟ ବିକଳ୍ପ ନାହିଁ ।

### ଅନେକ ସୁଯୋଗ

ବିଘ୍ନସବୁ ତ ଆସିବ । ବିଶ୍ୱାସୀଭାବରେ ବିଘ୍ନ ପାଇବାର ଅସଂଖ୍ୟ ଅବକାଶ ରହିଛି । ସେଥିରୁ ଅଳ୍ପ କେତୋଟି କାରଣ ଏହି ଅଧ୍ୟାୟରେ ଆଲୋଚିତ ହୋଇଛି । ତେବେ ପ୍ରକୃତ ବିଷୟ ହେଉଛି କିପରି ବିଘ୍ନସବୁର ପ୍ରତିକାର କରାଯାଇପାରିବ । ମନେରଖନ୍ତୁ ଯେ ବିଘ୍ନ ଆସିଲେ ଶୟତାନର ଫାନ୍ଦ ଓ ପ୍ରତିବନ୍ଧକରେ ପଡ଼ିବାର ଯଥେଷ୍ଟ ସମ୍ଭାବନା ରହିଥାଏ । ତେବେ ଆମେ ଦୃଢ଼ମନା ରହିବା ଯେପରି ଆମେ କୌଣସି ପରିସ୍ଥିତିରେ, ଅବସ୍ଥାରେ ଆମ ଜୀବନରେ କୌଣସି ବିଘ୍ନକୁ ସ୍ଥାନ ଦେବା ନାହିଁ ।

## ଅନୁଚିନ୍ତା

ଏହି ଅଧ୍ୟାୟରେ ଆଲୋଚିତ ବାଧାବିଘ୍ନଗୁଡ଼ିକ ମଧ୍ୟରୁ କେଉଁଟିକୁ ଆପଣ ସାମ୍ନା କରିଛନ୍ତି କି ? ତେବେ ସେସବୁକୁ ବିଭିନ୍ନ ପରିସ୍ଥିତିରେ କିପରି ସମ୍ଭାଳି ଥିଲେ ?

୧) ଜଗତରୁ ଉତ୍ପନ୍ନ ବାଧାବିଘ୍ନ

୨) ଅବହେଳାକୃତ ବାଧାବିଘ୍ନ

୩) କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆଗତ ବାଧାବିଘ୍ନ

୪) ଈଶ୍ୱରଙ୍କ ଉପରେ ଅସନ୍ତୁଷ୍ଟ ହେବା

୫) ଯୀଶୁଖ୍ରୀଷ୍ଟଙ୍କ ହେତୁ ବିଘ୍ନ ପାଇବା

୬) ବାକ୍ୟ ଓ ଆତ୍ମାଙ୍କ ସକାଶୁ ବିଘ୍ନ ପାଇବା

# ୩

# ମନୋନୟନ ଆପଣଙ୍କର

## ବିଘ୍ନ ସୀମାରେଖାର ଉର୍ଦ୍ଧ୍ୱରେ ରହି ଜୀବନ ଯାପନ କରିବା

**ହିତୋପଦେଶ ୪ :୨୩**
**ତୁମ୍ଭ ହୃଦୟକୁ ଅତି ଯତ୍ନରେ ରଖ; ଯେହେତୁ ତହିଁରୁ ଜୀବନର ପ୍ରବାହ ଜନ୍ମଇ ।**

**ମାଥିଉ ୧୨ :୩୫**
**ଉତ୍ତମ ଲୋକ ଉତ୍ତମ ଭଣ୍ଡାରରୁ ଉତ୍ତମ ପଦାର୍ଥ ବାହାର କରେ, ପୁଣି ମନ୍ଦ ଲୋକ ମନ୍ଦ ଭଣ୍ଡାରରୁ ମନ୍ଦ ପଦାର୍ଥ ବାହାର କରେ ।**

ଆମେ ଆମ ହୃଦୟକୁ, ଆମର ଅନ୍ତରସ୍ଥ ବ୍ୟକ୍ତିକୁ, ଯତ୍ନରେ ରଖିବାକୁ ହେବ, କାରଣ ଆମ ହୃଦୟରୁ ଆମ ଜୀବନକୁ ଗଠନ କରୁଥିବା ଶକ୍ତିସବୁ ନିର୍ଗତ ହୋଇଥାଏ ।

ଆମ ହୃଦୟରେ ଯାହା ଅଛି, ତାହା ଆମ ଜୀବନ ଦେଇ ପ୍ରକାଶ ପାଇଥାଏ ।

ଆମ ଜୀବନରେ ଯାହା ଘଟୁଛି ତାହା ପରିବର୍ତ୍ତନ କରିବାକୁ ଚାହିଁଲେ, ଆମ ହୃଦୟରେ ଯାହାସବୁ ସଞ୍ଚିତ ହୋଇ ରହିଛି ତାକୁ ବଦଳାଇବା ଆବଶ୍ୟକ ।

ଆମେ ଦେଖିଛୁ, ବିଘ୍ନ ଘଟିଲେ ଆମେ ଫାନ୍ଦ ବା ପ୍ରତିବନ୍ଧକର ଶିକାର ହୋଇପାରୁ । ଏହା ଆମକୁ ପାପ ବା ଭୁଲ କରିବାକୁ ପ୍ରରୋଚିତ କରିଥାଏ । ବିଭିନ୍ନ ପରିସ୍ଥିତିରେ ବିଭିନ୍ନ ଲୋକଙ୍କ ଦେଇ ଆମ ନିକଟକୁ ବିଘ୍ନ ଆସିପାରେ । ତେବେ, ବିଘ୍ନ ହେତୁ ପ୍ରତିକ୍ରିୟାଶୀଳ ହେବା କି ନ ହେବା ଆମର ନିର୍ଣ୍ଣୟ ଉପରେ ନିର୍ଭର କରେ । ଆମେ ନିଷ୍ପତ୍ତି ନେବାକୁ ହେବ, ବିଘ୍ନ ଘଟିଲେ ସେଥି ହେତୁ ଆମେ ପ୍ରତିକ୍ରିୟାଶୀଳ ହେବା କି ନ ହେବା ।

ବିଘ୍ନର ସାମ୍ନା କରିବା ମାତ୍ରେ ଆପଣ ଏହି ନିଷ୍ପତ୍ତି ନେବା ଉଚିତ । କେହି ଆପଣଙ୍କୁ କିଛି କହିପାରେ ବା ସେ କିଛି କରିଥାଏ ଯାହା ଆପଣଙ୍କୁ ଆଘାତ ଦିଏ, ଅପମାନିତ ବା କ୍ରୋଧିତ କରେ । ଆପଣ ନିଜ ହୃଦୟକୁ ଅତି ଯତ୍ନରେ ରଖିବାକୁ ମନୋନୀତ କରନ୍ତୁ ଓ

ବିଘ୍ନକୁ ଉପେକ୍ଷା କରନ୍ତୁ । ଆସିଥିବା ବିଘ୍ନକୁ ଆପଣଙ୍କ ହୃଦୟରେ ସ୍ଥାନ ନ ଦେବାକୁ ନିଷ୍ପତ୍ତି ନେବା ଉଚିତ । ଆପଣ ଜାଣନ୍ତି ମନ୍ଦ ବିଷୟକୁ ସ୍ଥାନ ଦେବାର ଅର୍ଥ ଆପଣଙ୍କ ଜୀବନ ମଧ୍ୟକୁ ମନ୍ଦ ବିଷୟ ପ୍ରବେଶ କରିବ ।

ଯେତେବେଳେ ବିଘ୍ନର ସାମ୍ନା କରୁଛନ୍ତି ଏହାର ଊର୍ଦ୍ଧ୍ୱରେ ରହି ଜୀବନ ଯାପନ କରିବାକୁ ମନୋନୀତ କରନ୍ତୁ । ବିଘ୍ନ ସୀମାରେଖାର ଊର୍ଦ୍ଧ୍ୱରେ ରହି ଜୀବନ ଯାପନ କରନ୍ତୁ । ଏହାକୁ ଗ୍ରହଣ କରିବାକୁ ନିଜକୁ ନତ କରନ୍ତୁ ନାହିଁ । ପ୍ରେମର ସର୍ବୋଚ୍ଚ ସ୍ତରରେ ରହି ଜୀବନ ଯାପନ କରନ୍ତୁ (ପରବର୍ତ୍ତୀ ଏକ ଅଧ୍ୟାୟରେ ଏହା ଆଲୋଚନା କରିବା) ।

ପାଉଲ କ'ଣ କହନ୍ତି ବିଚାର କରନ୍ତୁ:

**ପ୍ରେରିତ ୨୪:୧୬**
**ଏହେତୁରୁ ମୁଁ ମଧ୍ୟ ନିଜେ ସର୍ବଦା ଈଶ୍ୱରଙ୍କ ଓ ମନୁଷ୍ୟର ପ୍ରତି ନିର୍ଦ୍ଦୋଷ ବିବେକ ରକ୍ଷା କରିବାକୁ ଯତ୍ନ କରୁଥାଏ ।**

ଈଶ୍ୱରଙ୍କ ଓ ମନୁଷ୍ୟର ପ୍ରତି ନିର୍ଦ୍ଦୋଷ ବିବେକ ରକ୍ଷା କରିବାକୁ ପାଉଲ ଚେଷ୍ଟିତ ଥିଲେ । ଏଥିପାଇଁ ସେ ସର୍ବଦା ପ୍ରାଣପଣ କରୁଥିଲେ, ଅର୍ଥାତ୍ ଯତ୍ନଶୀଳ ଥିଲେ, ପରିଶ୍ରମ ଓ କଷ୍ଟସ୍ୱୀକାର କରିଥିଲେ, ନିଜକୁ ପ୍ରଶିକ୍ଷିତ କରୁଥିଲେ ।

ଏଠାରେ ବ୍ୟବହୃତ "ନିର୍ଦ୍ଦୋଷ" ଶବ୍ଦର (ଗ୍ରୀକ୍ aproskopos) ତିନୋଟି ଅର୍ଥ ରହିଛି:

- କ) ଯାହା ପ୍ରତିବନ୍ଧକ ସୃଷ୍ଟି କରେ ନାହିଁ, ଅନ୍ୟମାନଙ୍କୁ ପାପରେ ପଡ଼ିବାକୁ ଦିଏ ନାହିଁ ।
- ଖ) ଝୁଣ୍ଟି ପଡ଼େ ନାହିଁ, ବା ପାପରେ ପଡ଼େ ନାହିଁ, ଅର୍ଥାତ୍ ଏକ ଦୋଷରହିତ ଜୀବନ ।
- ଗ) ପାପର ସଚେତନତା ନ ଥାଏ, ଅର୍ଥାତ୍ ହୃଦୟ ପାପରୁ ପରିଷ୍କୃତ ଥାଏ ।

ତେଣୁ ପାଉଲ ସର୍ବଦା ଯତ୍ନଶୀଳ ଥିଲେ ଯେପରି ସେ ତାଙ୍କ ବିବେକକୁ ପାପ ଓ ଭୁଲକାର୍ଯ୍ୟରୁ ପରିଷ୍କୃତ ରଖିବେ । ସେ ପାପକୁ ଅନୁମତି ଦେଇ ନ ଥିଲେ, ଅର୍ଥାତ୍ ପାପ କରୁ ନ ଥିଲେ, ଅନ୍ୟମାନଙ୍କୁ ପାପରେ ପକାଉ ନ ଥିଲେ ବା ପାପକୁ ହୃଦୟ ମଧ୍ୟରେ ପ୍ରବେଶ କରିବାକୁ ଦେଉ ନ ଥିଲେ । ସେ ତାଙ୍କ ହୃଦୟକୁ (ଏବଂ ତାଙ୍କ ବିବେକକୁ) ପରିଷ୍କୃତ ଓ ସ୍ୱଚ୍ଛ ରଖିବା ପାଇଁ ମନୋନୀତ କରିଥିଲେ ।

ଆମେ ମଧ୍ୟ ବିଘ୍ନ ସୀମାରେଖାର ଉର୍ଦ୍ଧ୍ୱରେ ରହି ଜୀବନ ଯାପନ କରିବାକୁ ଏବଂ ଆମ ହୃଦୟକୁ ଈଶ୍ୱରଙ୍କ ଓ ମନୁଷ୍ୟର ପ୍ରତି ନିର୍ଦ୍ଦୋଷ ଓ ସ୍ୱଚ୍ଛ ରଖିବାକୁ ମନୋନୀତ କରିପାରିବା । ଏହା ସହଜ ହେବ ନାହିଁ । ଏଥିପାଇଁ ଆମେ ନିଜ ନିଜକୁ ପ୍ରଶିକ୍ଷିତ ଓ ଅନୁଶୀଳନ କରିବା ସଙ୍ଗେ ସଙ୍ଗେ ପ୍ରାଣପଣ କରିବାକୁ ହେବ । ଏହି ପ୍ରକାରେ ଆମେ ବିଘ୍ନ ସୀମାରେଖାର ଉର୍ଦ୍ଧ୍ୱରେ ରହି ଜୀବନ ଯାପନ କରି ପାରିବା ।

ବିଘ୍ନର ସମ୍ମୁଖୀନ ହେଲେ ଆମେ କିପରି ଅନ୍ତରର ସହିତ ମନୋନୟନ କରିବା ଉଚିତ ସେ ବିଷୟରେ କେତେକ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିବା ।

## ଦୋଷ ନ ଧରି ଛାଡ଼ି ଦେବା

**ଆଦିପୁସ୍ତକ ୫୦ :୧୫-୨୧**

**୧୫ ଆଉ ଆପଣାମାନଙ୍କର ପିତା ମରିଅଛନ୍ତି, ଏହା ଦେଖି ଯୋଷେଫଙ୍କର ଭାଇମାନେ କହିଲେ, କେଜାଣି ଯୋଷେଫ୍ ଆମ୍ଭମାନଙ୍କୁ ଘୃଣା କରିବ, ପୁଣି ଆମ୍ଭେମାନେ ତାହାର ଯେ ସକଳ ମନ୍ଦ କରିଅଛୁ, ତହିଁର ସମ୍ପୂର୍ଣ୍ଣ ପ୍ରତିଫଳ ଆମ୍ଭମାନଙ୍କୁ ଦେବ ।**

**୧୬ ଏହେତୁ ସେମାନେ ଯୋଷେଫଙ୍କ ନିକଟକୁ ଏହି କଥା କହି ପଠାଇଲେ, ତୁମ୍ଭ ପିତା ମୃତ୍ୟୁ ପୂର୍ବରେ ଆମ୍ଭମାନଙ୍କୁ ଏହା କହିଥିଲେ, ତୁମ୍ଭେମାନେ ଯୋଷେଫଙ୍କୁ ଏହି କଥା କହିବ,**

**୧୭ ତୁମ୍ଭ ଭାଇମାନେ ତୁମ୍ଭର ମନ୍ଦ କରିଅଛନ୍ତି; ମାତ୍ର ତୁମ୍ଭେ ଅନୁଗ୍ରହ କରି ସେମାନଙ୍କର ସେହି ଅଧର୍ମ ଓ ପାପ ମାର୍ଜନା କରିବ; ଏଣୁକରି ଆମ୍ଭେମାନେ ବିନୟ କରୁଅଛୁ, ତୁମ୍ଭ ପୈତୃକ ପରମେଶ୍ୱରଙ୍କ ଦାସଗଣର ଅଧର୍ମ ମାର୍ଜନା କର । ସେମାନେ ଏହି କଥା କହିବା ବେଳେ ଯୋଷେଫ୍ କାନ୍ଦିବାକୁ ଲାଗିଲେ ।**

**୧୮ ଅନନ୍ତର ତାଙ୍କର ଭାଇମାନେ ତାଙ୍କ ଆଗକୁ ଯାଇ ପ୍ରଣାମ କରି କହିଲେ, ଦେଖ, ଆମ୍ଭେମାନେ ତୁମ୍ଭର ଦାସ ।**

**୧୯ ତହିଁରେ ଯୋଷେଫ୍ ସେମାନଙ୍କୁ କହିଲେ, ତୁମ୍ଭେମାନେ କିଛି ଭୟ କର ନାହିଁ, ମୁଁ କ'ଣ ପରମେଶ୍ୱରଙ୍କ ପ୍ରତିନିଧି ?**

**୨୦ ତୁମ୍ଭେମାନେ ମୋ' ବିରୁଦ୍ଧରେ ମନ୍ଦ କଳ୍ପନା କରିଥିଲ ପ୍ରମାଣ, ମାତ୍ର ପରମେଶ୍ୱର ତାହା ମଙ୍ଗଳର କଳ୍ପନା କଲେ; ଏବେ ଯେପରି ଦେଖୁଅଛ, ସେପରି ଅନେକ ଲୋକଙ୍କର ପ୍ରାଣରକ୍ଷା କରିବାକୁ ତାହାଙ୍କର ଅଭିପ୍ରାୟ ଥିଲା ।**
**୨୧ ଏଣୁକରି ତୁମ୍ଭେମାନେ ଏବେ ଭୀତ ହୁଅ ନାହିଁ, ମୁଁ ତୁମ୍ଭମାନଙ୍କୁ ଓ ତୁମ୍ଭମାନଙ୍କ ବାଳକଗଣକୁ ପ୍ରତିପାଳନ କରିବି । ଏହି ପ୍ରକାରେ ଚିତ୍ତପ୍ରବୋଧକ କଥା କହି ସେ ସେମାନଙ୍କୁ ସାନ୍ତ୍ୱନା ଦେଲେ ।**

ଯେଉଁ ଭାଇମାନେ ତାଙ୍କ ପ୍ରତି ଏତେ ଅବିହିତ ବ୍ୟବହାର କରିଥିଲେ ସେମାନଙ୍କ ବିରୁଦ୍ଧରେ ପ୍ରତିଶୋଧ ନେବାର ସୁଯୋଗ ଯୋଷେଫ ପାଇଥିଲେ । ତାଙ୍କ ଭାଇମାନେ ମଧ୍ୟ ଏ ନେଇ ଆଶଙ୍କା ପ୍ରକାଶ କରି ଡ଼ରି ଯାଇଥିଲେ । ତଥାପି ଆମେ ଦେଖୁ, ତାଙ୍କ ପ୍ରତି ଭାଇମାନଙ୍କର ମନ୍ଦ ଆଚରଣ ସତ୍ତ୍ୱେ ଯୋଷେଫଙ୍କ ହୃଦୟରେ ସେମାନଙ୍କ ପ୍ରତି ବିଦ୍ୱେଷଭାବ, ଘୃଣା ବା ତିକ୍ତତା ନ ଥିଲା । ସେ ବହୁ ଦିନରୁ ତାହା ମନରୁ ପୋଛି ଦେଇଥିଲେ । ସେ ଏକ ବୃହତ୍, ଶ୍ରେଷ୍ଠତର ଓ ମହାନ୍ ଦୃଷ୍ଟିକୋଣରେ ବିଭିନ୍ନ ବିଷୟକୁ ଦେଖିଥିଲେ । ଈଶ୍ୱର ଯାହା ଦେଖିଥିଲେ ସେ ତାହା ଦେଖିଥିଲେ ।

ଯୋଷେଫଙ୍କ ପରି ଆମକୁ ବିଘ୍ନ ପହଞ୍ଚାଇଥିବା ବିଷୟକୁ ନ ଧରି ଆମେ ଛାଡ଼ି ଦେବା, କ୍ଷମା ଦେଇ ଦେବା । ଯେ ଯାହା କହିଛି ବା କରିଛି ତାକୁ ନ ଧରି ଛାଡ଼ିଦେବା ।

ଈଶ୍ୱରଙ୍କ ଦୃଷ୍ଟିକୋଣରେ ବିଭିନ୍ନ ବିଷୟକୁ ଦେଖନ୍ତୁ । ଏହିସବୁ ପ୍ରଶ୍ନର ଉତ୍ତର ଆପଣ ପାଇ ନ ପାରନ୍ତି, ଯେପରି- "ସେମାନେ **କାହିଁକି** ମୋ ପ୍ରତି ଏହା କଲେ"?, "ଏହାର ଫଳାଫଳ **କ'ଣ** ହେବ"?, "ସେମାନେ ମୋ ପ୍ରତି ଭୁଲ କରିଛନ୍ତି ବୋଲି **କେବେ** ହୃଦୟଙ୍ଗମ କରିବେ"? ତଥାପି ଉକ୍ତ ବିଘ୍ନକୁ ଛାଡ଼ି ଦିଅନ୍ତୁ । ଈଶ୍ୱରଙ୍କ ଉପରେ ନିର୍ଭର ରଖନ୍ତୁ ଯେପରି ଏସବୁ ଦ୍ୱାରା ସେ କିଛି ଉତ୍ତମ ଓ ମହତ୍ କାର୍ଯ୍ୟ କରିବେ, ଫଳରେ ଆପଣ ଏହି ବିଘ୍ନକୁ ହୃଦୟରେ ପ୍ରଶ୍ରୟ ଦେବେ ନାହିଁ । ଆପଣ ଅଗ୍ରାଧିକାର ଦିଅନ୍ତୁ ନାହିଁ । ଆପଣ ଅଗ୍ରାଧିକାର ଦିଅନ୍ତୁ ଯେପରି ଆପଣଙ୍କ ହୃଦୟକୁ ଅତି ଯତ୍ନରେ ରଖିବେ, ତଦ୍ୱାରା ଆପଣ ଉକ୍ତ ବିଘ୍ନଠାରୁ ଦୂରେଇ ରହିବେ । ବିଘ୍ନକୁ ଗ୍ରହଣ ନ କରିବାକୁ ମନୋନୀତ କରନ୍ତୁ ।

## ଈଶ୍ୱର ଆପଣଙ୍କ ନିର୍ଦ୍ଦୋଷତା ସିଦ୍ଧ କରନ୍ତୁ

**ରୋମୀୟ ୧୨:୧୭-୨୧**
**୧୭ ମନ୍ଦ ବଦଳରେ କାହାରି ମନ୍ଦ କର ନାହିଁ; ସମସ୍ତ ମନୁଷ୍ୟଙ୍କ ଦୃଷ୍ଟିରେ ଯାହା ଯାହା ଉତ୍ତମ, ସେହିସବୁ ଚିନ୍ତା କର;**
**୧୮ ସମ୍ଭବ ହେଲେ, ତୁମ୍ଭର ଯେତେ ପର୍ଯ୍ୟନ୍ତ ସାଧ୍ୟ, ସମସ୍ତ ଲୋକଙ୍କ ସହିତ ଶାନ୍ତିରେ ରୁହ ।**
**୧୯ ହେ ପ୍ରିୟମାନେ, ତୁମ୍ଭେମାନେ ନିଜେ ନିଜେ ପ୍ରତିଶୋଧ ନିଅ ନାହିଁ, କିନ୍ତୁ କ୍ରୋଧ ପାଇଁ ସ୍ଥାନ ଛାଡ଼ିଦିଅ; କାରଣ ଲେଖାଅଛି, 'ପ୍ରଭୁ କହନ୍ତି, ପ୍ରତିଶୋଧ ନେବା ଆମ୍ଭର ଅଧିକାର, ଆମ୍ଭେ ପ୍ରତିଫଳ ଦେବା' ।**
**୨୦ ବରଂ ଯଦି ତୁମ୍ଭର ଶତ୍ରୁ କ୍ଷୁଧିତ, ତେବେ ତାକୁ ଭୋଜନ କରାଅ; ଯଦି ସେ ତୃଷିତ, ତାକୁ ପାନ କରାଅ; କାରଣ ଏହିପରି କଲେ ତୁମ୍ଭେ ତା'ର ମସ୍ତକ ଉପରେ ଜ୍ୱଳନ୍ତା ଅଙ୍ଗାର ଗଦା କରିବ ।**
**୨୧ କୁକ୍ରିୟାରେ ପରାଜିତ ନ ହୋଇ ସୁକ୍ରିୟାରେ କୁକ୍ରିୟାକୁ ପରାଜୟ କର ।**

ଉପରୋକ୍ତ ଶାସ୍ତ୍ରାଂଶର ନିର୍ଦ୍ଦେଶ ଅନୁସାରେ ଆମେ ବିଘ୍ନ ଯୋଗୁଁ ଅପମାନିତ ହେଲେ, ନିମ୍ନ ବିଷୟମାନ କରିବା ଉଚିତ:

- ଆମକୁ ମନ୍ଦ କରିଥିବା ବ୍ୟକ୍ତି ପ୍ରତି ଆମେ ପ୍ରତିଶୋଧପରାୟଣ ହେବା ନାହିଁ ।
- ଆମର ମନ୍ଦ କରିଥିବା ବ୍ୟକ୍ତି ସହିତ ଶାନ୍ତିରେ ରହିବାକୁ ଆମେ ଚେଷ୍ଟିତ ହେବା ।
- ଯେ ଆମର ମନ୍ଦ କରେ ତା' ପ୍ରତି ଆମେ ଉତ୍ତମ କର୍ମ କରିବା ଓ ତାକୁ ଆଶୀର୍ବାଦ କରିବା ।

ଏସବୁ କରିବାଦ୍ୱାରା ଆମେ ପଥରୁ ହଟି ଯାଉ ଓ ଈଶ୍ୱରଙ୍କୁ ଅନୁମତି ନେଇଥାଉ ଯେପରି ସେ ଆମର ନିର୍ଦ୍ଦୋଷତା ସିଦ୍ଧ କରନ୍ତି । ସେ ଧାର୍ମିକ ବିଚାରକର୍ତ୍ତା, ସେ ଆମର ହୃଦୟ ଦେଖନ୍ତି ଓ ଆମର ଅଭିପ୍ରାୟ ଜାଣନ୍ତି । ସେ ଆମକୁ ନିର୍ଦ୍ଦୋଷ ପ୍ରମାଣ କରିବେ ଯଦି ଆମେ ସମସ୍ତ ବିଷୟ ତାହାଙ୍କ ହସ୍ତରେ ଛାଡ଼ି ଦେବା ।

ଏ ବିଷୟରେ ଯୀଶୁଙ୍କ ଆଦର୍ଶ ଅନୁକରଣୀୟ:

**୧ପିତର ୨:୨୩**
**ସେ ନିନ୍ଦା ପାଇବା ସମୟରେ ଫେରି ନିନ୍ଦା କଲେ ନାହିଁ; ଦୁଃଖଭୋଗ କରିବା ସମୟରେ ପ୍ରତିହିଂସା କରିବାକୁ ଭୟ ଦେଖାଇଲେ ନାହିଁ, କିନ୍ତୁ ନ୍ୟାୟବିଚାରକର୍ତ୍ତାଙ୍କ ହସ୍ତରେ ସମସ୍ତ ବିଷୟ ସମର୍ପଣ କଲେ ।**

## ଗର୍ବ ଆପଣଙ୍କ ହୃଦୟକୁ ଚାଳିତ ନ କରୁ

ଆମ ପ୍ରତି ଆସିଥିବା ବିଘ୍ନକୁ ଆମେ ଧରି ରହିଥାଉ କାରଣ ଆମର ଗର୍ବକୁ ଆଘାତ ଲାଗିଥାଏ ।

**ମାଥିଉ ୧୧:୨୮-୩୦**
**୨୮ ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ, ମୋ' ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି ।**
**୨୯ ମୋହର ଯୁଆଳି ଆପଣା ଆପଣା ଉପରେ ଘେନ, ପୁଣି ମୋ' ନିକଟରୁ ଶିଖ, କାରଣ ମୁଁ ମୃଦୁଶୀଳ ଓ ନମ୍ରଚିତ୍ତ, ଆଉ ତୁମ୍ଭେମାନେ ଆପଣା ଆପଣା ଆତ୍ମାରେ ବିଶ୍ରାମ ପାଇବ;**
**୩୦ ଯେଣୁ ମୋହର ଯୁଆଳି ସହଜ ଓ ମୋହର ଭାର ଉଶ୍ୱାସ ।**

ଯୀଶୁ କହନ୍ତି ଯେ ସେ ମୃଦୁଶୀଳ, ନମ୍ରଚିତ୍ତ, ବିନମ୍ର ଓ ଶାନ୍ତ । ଆମେ ତାଙ୍କଠାରୁ ଏସବୁ ଗୁଣ ଶିକ୍ଷା କରିବା ଓ ତାଙ୍କର ଆଦର୍ଶ ଅନୁସାରେ ଚାଲିବା ।

ଯୀଶୁଙ୍କ ପରି ଯଦି ଆମେ ମୃଦୁଶୀଳ ଓ ନମ୍ରଚିତ୍ତ ହୋଇଚାଲିବା ତେବେ ଆମେ ଅପମାନିତ ବୋଧ କରିବା ନାହିଁ ।

ଯୀଶୁଙ୍କର ଏହି ଦୃଷ୍ଟାନ୍ତକୁ ବିଚାରକୁ ନିଅନ୍ତୁ:

**ଲୂକ ୧୪:୭-୧୧**
**୭ ପୁଣି, ନିମନ୍ତ୍ରିତ ଲୋକମାନେ କିପ୍ରକାରେ ପ୍ରଧାନ ପ୍ରଧାନ ଆସନ ବାଛୁଥିଲେ, ଏହା ଲକ୍ଷ୍ୟ କରି ସେ ସେମାନଙ୍କୁ ଏହି ଦୃଷ୍ଟାନ୍ତ ଦେଇ କହିଲେ,**
**୮ ଯେତେବେଳେ ତୁମ୍ଭେ କୌଣସି ଲୋକ ଦ୍ୱାରା ବିବାହଭୋଜକୁ ନିମନ୍ତ୍ରିତ ହୁଅ, ସେତେବେଳେ ପ୍ରଧାନ ଆସନରେ ବସ ନାହିଁ, କାଳେ ତୁମ୍ଭଠାରୁ ଅଧିକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଦ୍ୱାରା ନିମନ୍ତ୍ରିତ ହୋଇଥିବେ,**
**୯ ଆଉ ଯେ ତୁମ୍ଭକୁ ଓ ତାଙ୍କୁ ନିମନ୍ତ୍ରଣ କଲେ, ସେ ଆସି ତୁମ୍ଭକୁ କହିବେ, ଏହାଙ୍କୁ ସ୍ଥାନ ଦିଅ; ଆଉ, ସେତେବେଳେ ତୁମ୍ଭେ ଲଜ୍ଜାରେ ନିମ୍ନତମ ସ୍ଥାନ ଗ୍ରହଣ କରିବାକୁ ଯିବ ।**
**୧୦ କିନ୍ତୁ ଯେତେବେଳେ ତୁମ୍ଭେ ନିମନ୍ତ୍ରିତ ହୁଅ, ସେତେବେଳେ ଯାଇ ନିମ୍ନତମ ସ୍ଥାନରେ ବସ, ଯେପରି ତୁମ୍ଭର ନିମନ୍ତ୍ରଣକାରୀ ବ୍ୟକ୍ତି ଆସି ତୁମ୍ଭକୁ କହିବେ, ହେ ବନ୍ଧୁ, ଉଚ୍ଚତର ସ୍ଥାନକୁ ଆସ; ସେତେବେଳେ ତୁମ୍ଭ ସହିତ ଭୋଜନରେ ବସୁଥିବା ସମସ୍ତ ଲୋକଙ୍କ ସାକ୍ଷାତରେ ତୁମ୍ଭର ଗୌରବ ହେବ ।**
**୧୧ କାରଣ ଯେକେହି ଆପଣାକୁ ଉନ୍ନତ ବୋଲି ଦେଖାଏ, ତାହାକୁ ନତ କରାଯିବ, ପୁଣି ଯେ ଆପଣାକୁ ନତ କରେ, ତାହାକୁ ଉନ୍ନତ କରାଯିବ ।**

ଯୀଶୁ ଏଠାରେ ନମ୍ର ଓ ବିନୀତ ହୋଇ ଆଚରଣ କରିବା ବିଷୟରେ ଶିକ୍ଷା ଦିଅନ୍ତି । ଏପରି ଆଚରଣ କରନ୍ତୁ ଯେପରି ଅପମାନିତ ନ ହେବେ । ଆପଣ ଯଦି ନିମ୍ନତମ ସ୍ଥାନରେ (ନମ୍ରଚିତ୍ତ) ରହିବେ, କେହି ଆପଣଙ୍କୁ ଆହୁରି ନିମ୍ନ ସ୍ଥାନକୁ ପଠାଇ ପାରିବେ ନାହିଁ । ଆପଣଙ୍କୁ ଅପମାନିତ କରିବାର ସୁଯୋଗ ସେମାନେ ପାଇବେ ନାହିଁ । ଆପଣଙ୍କୁ ଯଦି ନିମ୍ନ ସ୍ଥାନକୁ ଯିବାକୁ କୁହାଯାଏ, ଆପଣଙ୍କ ହୃଦୟ ତ ନିମ୍ନତମ ସ୍ଥାନରେ ରହିଛି । ଏଣୁ ଆପଣ ମନରେ ଅପମାନିତ ବୋଧ କରିବେ ନାହିଁ ।

ଖ୍ରୀଷ୍ଟୀୟ ନେତା ଭାବରେ ଆମେମାନେ ମଧ୍ୟ ଅପମାନିତ ବୋଧ କରିଥାଉ ଯେତେବେଳେ ଆମର ଗର୍ବରେ ଆଘାତ ପହଞ୍ଚେ । ଆମେ ଆଶା କରୁ ଯେ ଲୋକମାନେ ଆମକୁ ଆମର ପଦପଦବୀକୁ ନେଇ ସମ୍ବୋଧନ କରନ୍ତୁ ଏବଂ କେହି ଯଦି ସେପରି ସମ୍ବୋଧନ ନ କରନ୍ତି ଆମେ ଅପମାନିତ ବୋଧ କରୁ । ଆମେ ଚାହିଁଥାଉ କୌଣସି ସଭାସମିତିରେ ଆମକୁ ଆଗଧାଡ଼ିରେ ଉତ୍ତମ ଶାସନ ଦିଆଯାଉ ଏବଂ ଯଦି ତାହା ନ ହୁଏ ଆମେ ଅପମାନିତ ବୋଧ କରୁ । ଆମେ ଚାହିଁଥାଉ ଯେ ଆମକୁ ସ୍ୱୀକୃତି ଦିଆଯାଉ ଓ ଆମର ଗୁଣଗାନ କରାଯାଉ, ତାହା ନ ହେଲେ ଆମେ ଅପମାନିତ ବୋଧ କରିଥାଉ । ଆମ ହୃଦୟ ଗର୍ବଦ୍ୱାରା ପରିଚାଳିତ ହେଉଥିବାରୁ ଏସବୁ ବିଘ୍ନ ଆମ ହୃଦୟ ମଧ୍ୟକୁ ଆସିଥାଏ । ଏହା ପରିବର୍ତ୍ତେ, ଯଦି ଆମେ ଯୀଶୁଙ୍କ ପରି ମୃଦୁଶୀଳ ଓ ନମ୍ରଚିତ୍ତ ହୋଇ ଆଚରଣ କରିବା, ତେବେ ଆମେ ଅଧିକ ସମ୍ମାନଜନକ ବ୍ୟବହାର ଆଶା କରିବା ନାହିଁ, ଫଳରେ ଅପମାନିତ ବୋଧର ଅବସର ନ ଥିବ ।

ଆମେ ଅନ୍ୟ ଦୁଇଟି ଗୁରୁତ୍ୱପୂର୍ଣ୍ଣ ହୃଦୟର ନିଷ୍ପତ୍ତି ନେବା ଆବଶ୍ୟକ:

କ)  ପ୍ରତିକ୍ରିୟାଶୀଳ ନ ହୋଇ କାର୍ଯ୍ୟ କରିବା ।

ଖ)  ପ୍ରେମରେ ଆଚରଣ କରିବା ।

ପରବର୍ତ୍ତୀ ଦୁଇ ଅଧ୍ୟାୟରେ ଏହି ଦୁଇ ବିଷୟକୁ ନେଇ ଆଲୋଚନା କରିବା ।

## ଅନୁଚିନ୍ତା

୧) ହୃଦୟ ମଧ୍ୟକୁ ବିଘ୍ନ ଆସିବାରୁ ରୋକିବା ପାଇଁ କାହିଁକି ଆମେ ଆମ ହୃଦୟକୁ ଅତି ଯତ୍ନରେ ରଖିବା ଆବଶ୍ୟକ ?

୨) ଦୋଷ ନ ଧରି ଛାଡ଼ିଦେଇଛନ୍ତି କି ? ଯଦି ଆପଣଙ୍କ ହୃଦୟରେ ବିଘ୍ନସମୂହ ଆସ୍ଥାନ ଜମାଇ ଅଛନ୍ତି ତେବେ ସେସବୁକୁ ବାହାର କରି ଦେଇ ହୃଦୟକୁ ପରିଷ୍କୃତ କରିବା ପାଇଁ ଈଶ୍ୱରଙ୍କ ନିକଟରେ ଆପଣ ପ୍ରାର୍ଥନା କରିବେ କି ?

୩) ଆପଣ ବିଘ୍ନ ପାଇଲେ ବା ଅପମାନିତ ହେଲେ ରୋମୀୟ ୧୨:୧୭-୨୧ରେ ବର୍ଣ୍ଣିତ ତିନୋଟି ପ୍ରତ୍ୟୁତ୍ତରର ଅନୁସରଣ କରନ୍ତୁ ।

୪) ଯୀଶୁଙ୍କ ପରି ଆପଣ କିପରି ସ୍ୱେଚ୍ଛାକୃତ ଭାବରେ "ମୃଦୁଶୀଳ ଓ ନମ୍ରଚିତ୍ତ" ଆଚରଣ କରିବେ, ଯଦ୍ଦ୍ୱାରା ଆପଣଙ୍କ ଗର୍ବ ଆଘାତ ପ୍ରାପ୍ତ ହେବ ନାହିଁ ଏବଂ ଅପମାନିତ ବୋଧ କରିବାର ଅବସର ନ ଥିବ ?

# ୪

# ବିଘ୍ନ ହେତୁ ପ୍ରତିକ୍ରିୟାଶୀଳ ନ ହୁଅନ୍ତୁ

ଗତ ଅଧ୍ୟାୟରେ ଆମେ ଦେଖିଛୁ ଯେ ବିଘ୍ନର ସମ୍ମୁଖୀନ ହେଲେ ଆମେ ତିନୋଟି ଗୁରୁତ୍ୱପୂର୍ଣ୍ଣ ହୃଦୟର ନିଷ୍ପତ୍ତି ନେବା ଆବଶ୍ୟକ, ସେଗୁଡ଼ିକ ହେଲା:

୧) ଦୋଷ ନ ଧରି ଛାଡ଼ି ଦିଅନ୍ତୁ ।

୨) ରୋମୀୟ ୧୨:୧୭-୨୧ ଅନୁଯାୟୀ ଆଚରଣ କରନ୍ତୁ ଓ ଈଶ୍ୱରଙ୍କ ଉପରେ ଆପଣଙ୍କର ନିର୍ଦ୍ଦୋଷତା ସିଦ୍ଧ କରିବା ବିଷୟ ଛାଡ଼ି ଦିଅନ୍ତୁ ।

୩) ଗର୍ବ ଆପଣଙ୍କ ହୃଦୟକୁ ଚାଳିତ ନ କରୁ ।

ଏହି ଅଧ୍ୟାୟରେ ଚତୁର୍ଥ ଗୁରୁତ୍ୱପୂର୍ଣ୍ଣ ହୃଦୟର ନିଷ୍ପତି ବିଷୟରେ କୁହାଯାଏ, ଯେତେବେଳେ ଆମେ ବିଘ୍ନ ପାଇଥାଉ । ଆମେ ସ୍ୱେଚ୍ଛାକୃତ ଭାବରେ ନିଷ୍ପତ୍ତି ନେଇଥାଉ ଯେ ବିଘ୍ନ ଯୋଗୁଁ ଅପମାନିତ ବୋଧ କଲେ ଆମେ ପ୍ରତିକ୍ରିୟାଶୀଳ ହେବା ନାହିଁ । ଏଥିଯୋଗୁଁ ଆତ୍ମସଂଯମର ଆବଶ୍ୟକତା ରହିଛି ।

## ଦୁଇଟି ବିଘ୍ନ ଜଣକୁ ଠିକ୍ କରି ନ ଥାଏ

**ଉପଦେଶକ ୧୦:୪**
**ତୁମ୍ଭ ଉପରେ ଶାସନକର୍ତ୍ତାର ମନରେ ବିରୁଦ୍ଧଭାବ ଉତ୍ପନ୍ନ ହେଲେ, ଆପଣା ସ୍ଥାନ ଛାଡ଼ ନାହିଁ; କାରଣ ଅଧୀନତା ସ୍ୱୀକାର ଦ୍ୱାରା ମହା ମହା ଅନିଷ୍ଟ କ୍ଷାନ୍ତ ହୁଏ ।**

ଆଜିର ପରିପ୍ରେକ୍ଷୀରେ ଚିନ୍ତା କରନ୍ତୁ । ଧରନ୍ତୁ ଆପଣ କାର୍ଯ୍ୟକୁ ଗୋଳମାଳିଆ କରି ରଖିଛନ୍ତି । ହୁଏତ ଆପଣ ଏହି କାର୍ଯ୍ୟ ଛୋଟିଆ ହେଲେ ମଧ୍ୟ କରି ପାରି ନାହାନ୍ତି । କିଅବା ଏହା ମଧ୍ୟ ଏକ ଗୁରୁତର ଓ ବହୁମୂଲ୍ୟ ଭୁଲ ହୋଇପାରେ । ଆପଣଙ୍କ କର୍ତ୍ତୃପକ୍ଷ ଆପଣଙ୍କ ଉପରେ ରାଗି ଗଲେ । ସେ ତାଙ୍କର ଅସନ୍ତୋଷକୁ ବ୍ୟକ୍ତ କରିବାକୁ ଯାଇ ଅନେକ ଅପ୍ରୀତିକର ଇମେଲ୍ ପଠାଇଲେ, ପାଖକୁ ଡାକି ଗାଳି ଦେଲେ, କମ୍ ମୂଲ୍ୟାଙ୍କନ କଲେ ଓ ପଦୋନ୍ନତି ପାଇଁ ଅନୁମତି ଦେଲେ ନାହିଁ । ଆପଣ ଏହି ପ୍ରତିକ୍ରିୟା ଦ୍ୱାରା ବିଘ୍ନ

ପାଇଲେ ।  ଆପଣ ଅନୁଭବ କଲେ ଯେ ସେ ଅତ୍ୟନ୍ତ ପ୍ରତିକ୍ରିୟାଶୀଳ ହୋଇ ଉଠିଛନ୍ତି । ଆପଣ ପରିତ୍ୟାଗ କରିବାକୁ ଚାହିଁଲେ । କ୍ରୋଧିତ ହୋଇ ପ୍ରସ୍ଥାନ କରିବାକୁ ଚାହିଁଲେ । ପ୍ରତିବାଦ ଜଣାଇବାକୁ ଚାହିଁଲେ । ସେ ଜାଣିବା ଉଚିତ ଥିଲା ଯେ ସେ ଯାହା କିଛି କଲେ ତାହା ଠିକ୍ ପଦକ୍ଷେପ ନ ଥିଲା । କିନ୍ତୁ ଉପରୋକ୍ତ ଶାସ୍ତ୍ରାଂଶରେ କୁହାଯାଏ, "ଆପଣା ସ୍ଥାନ ଛାଡ଼ ନାହିଁ" । ବିଘ୍ନ ଯୋଗୁଁ ଯେଉଁ ମନୋଭାବ ମନରେ ରହିଛି ତଦନୁସାରେ ଉତ୍ତର ଦିଅନ୍ତୁ ନାହିଁ । ଏଭଳି ପରିସ୍ଥିତିରେ ଆପଣ ଶାନ୍ତ, ଭଦ୍ର, ଅର୍ପଣଶୀଳ, ଅବିଚଳିତ ରହିବା ଦ୍ୱାରା ପୂର୍ବାବସ୍ଥା ଫେରିଆସିବ ।

## ଏକ ବିଘ୍ନିତ ହୃଦୟ ଏକ ଆଘାତପ୍ରାପ୍ତ ହୃଦୟ

ଏକ ବିଘ୍ନଯୁକ୍ତ ହୃଦୟ ଏକ ଆଘାତପ୍ରାପ୍ତ ହୃଦୟ । ଅନ୍ତରରେ କ୍ଷତ ରହିଥାଏ । ଆତ୍ମା "ଭଗ୍ନ" ହୋଇଥାଏ ।

**ହିତୋପଦେଶ ୧୭:୨୨**
**ଆନନ୍ଦିତ ହୃଦୟ ଉତ୍ତମ ଔଷଧ; ମାତ୍ର ଭଗ୍ନ ଆତ୍ମା ଅସ୍ଥିସବୁକୁ ଶୁଷ୍କ କରେ ।**

ଭଗ୍ନ ଆତ୍ମା ଅସ୍ଥି ଶୁଷ୍କ କରେ । ଏହାର ଅର୍ଥ ଏକ ଭଗ୍ନ ଆତ୍ମା "ଆପଣଙ୍କ ଜୀବନକୁ ଦୁର୍ବଳ" କରିଦିଏ, ଫଳରେ ଆପଣ ଶକ୍ତିହୀନ ହୋଇପଡ଼ନ୍ତି । ଏହା ଆପଣଙ୍କୁ ବିଦୀର୍ଣ୍ଣ କରିଦିଏ ।

**ହିତୋପଦେଶ ୧୮:୧୪**
**ମନୁଷ୍ୟର ଆତ୍ମା ତାହାର ବ୍ୟଥା ସମ୍ଭାଳି ପାରେ; ମାତ୍ର ଭଗ୍ନ ଆତ୍ମାକୁ କିଏ ସହିପାରେ ?**

ଆହ୍ୱାନକାରୀ ସମୟରେ, ଅସୁସ୍ଥତାରେ ଆମର ଅନ୍ତରାତ୍ମା ହିଁ ଆମକୁ ଧରି ରଖେ । ଯଦି ଅନ୍ତରାତ୍ମା ଆଘାତପ୍ରାପ୍ତ, ଆହତ ଓ ଭଗ୍ନ ତେବେ ଆହ୍ୱାନକାରୀ ସମୟରେ ଯାହା ବ୍ୟକ୍ତିକୁ ଧରି ରଖେ ତାହା ସେ ହରାଇ ବସିଥାଏ ।

ତେଣୁ ଆମେ ଯଦି ବିଘ୍ନଯୁକ୍ତ ହେଉ ଓ ହୃଦୟ ମଧ୍ୟରେ ବିଘ୍ନକୁ ସ୍ଥାନ ଦେଉ, ଆମେ ଦୁର୍ବଳ ହୋଇପଡୁ ଓ ଆମ ମଧ୍ୟରେ ଶକ୍ତି ରହେ ନାହିଁ । ଆମେ ନିମ୍ନସ୍ଥାନକୁ ଚାଲିଯାଉ ଓ ସର୍ବୋତ୍ତମ ପ୍ରଦର୍ଶନ କରି ପାରି ନ ଥାଉ ।

ଆମେ ଭୁଲ ନିଷ୍ପତ୍ତି ନେଇ ଥାଉ ଓ ଆମର ପସନ୍ଦସବୁ ନିକୃଷ୍ଟ ଧରଣର ହୋଇଥାଏ । ଆମର ବିଘ୍ନସବୁ ଆମକୁ ଅନ୍ଧ କରିଦେଇଥାଏ । ଆଘାତପ୍ରାପ୍ତ ହୋଇଥିବାରୁ ଆମର ବିଚାର ତ୍ରୁଟିପୂର୍ଣ୍ଣ ହୋଇଥାଏ ।

ଆଘାତପ୍ରାପ୍ତ ହୋଇ କାର୍ଯ୍ୟ କଲେ ଆମେ ଅନ୍ୟମାନଙ୍କୁ ମଧ୍ୟ ଆଘାତ ପହଞ୍ଚାଇଥାଉ । ଅନ୍ୟମାନଙ୍କୁ ଆଘାତ ଦେଲେ ଅନେକେ ତଦ୍ୱାରା ଆଘାତ ପାଇଥାନ୍ତି । ନିଜକୁ ରକ୍ଷା କରିବା ଉଦ୍ଦେଶ୍ୟରେ ଆମେ ଅନ୍ୟମାନଙ୍କୁ ଆଘାତ ପହଞ୍ଚାଇଥାଉ, କିନ୍ତୁ ଏହାଦ୍ୱାରା ଆମର ନିକଟତମ ଲୋକମାନେ ଆଘାତ ପାଇଥାନ୍ତି ।

ତେଣୁ ବିଘ୍ନ ଆସିଲେ ଅପମାନିତ ବୋଧ କରିବା ଅନୁଚିତ । ଯଦି ଆପଣଙ୍କ ମର୍ଯ୍ୟାଦାରେ ଆଞ୍ଚ ଆସିଛି, ନିଜକୁ ସଂଯତ କରନ୍ତୁ ଓ ବିଘ୍ନଯୁକ୍ତ ହୃଦୟରେ ପ୍ରତିକ୍ରିୟା ପ୍ରକାଶ କରନ୍ତୁ ନାହିଁ । ଈଶ୍ୱର ଆପଣଙ୍କୁ ସୁସ୍ଥ କରନ୍ତୁ ଏବଂ ଦୋଷ ନ ଧରି ଛାଡ଼ି ଦେବା ପାଇଁ, କ୍ଷମା ଦେବା ନିମନ୍ତେ, ହୃଦୟକୁ ବିଘ୍ନମୁକ୍ତ ଓ ପରିଷ୍କାର କରିବାରେ ଆପଣଙ୍କୁ ସାହାଯ୍ୟ କରନ୍ତୁ । ଏହାପରେ ଅଗ୍ରସର ହୁଅନ୍ତୁ ।

## ବିଘ୍ନ ତିକ୍ତତାକୁ ଜନ୍ମଦିଏ

ଯଦି ଆମେ ଆମ ହୃଦୟରେ ରହିଥିବା ବିଘ୍ନକୁ ତ୍ୱରିତ ଦୂର କରିବାକୁ ଚେଷ୍ଟା ନ କରୁ, ଏହା ଅନେକ ମନ୍ଦ ଆବେଗ ସୃଷ୍ଟି କରିବ, ଯେପରି ତିକ୍ତତା, କ୍ଷମା ନ ଦେବା, କ୍ରୋଧ ଓ ଘୃଣାଭାବ । ଯେଉଁମାନେ ଆମକୁ ଅପମାନିତ କରିଛନ୍ତି ସେମାନଙ୍କ ପ୍ରତି ଆମେ ଉଗ୍ର ହୋଇ ଉଠିଥାଉ ।

ହୃଦୟରେ ତିକ୍ତତା ଜମି ରହଲେ କ'ଣ ହୁଏ ?

**ଏବ୍ରୀ ୧୨:୧୪-୧୫**

**୧୪ ସମସ୍ତଙ୍କ ସହିତ ଶାନ୍ତିରେ ରହିବାକୁ ଚେଷ୍ଟା କର, ପୁଣି ଯେଉଁ ପବିତ୍ରତା ବିନୁ କେହି ପ୍ରଭୁଙ୍କ ଦର୍ଶନ ପାଇବ ନାହିଁ, ସେଥିର ଅନୁସରଣ କର,**
**୧୫ କାଳେ କେହି ଈଶ୍ୱରଙ୍କ ଅନୁଗ୍ରହରୁ ପତିତ ହୁଏ ଅବା କୌଣସି ତିକ୍ତତାର ମୂଳ ଅଙ୍କୁରିତ ହୋଇ ବଢ଼ି ଉଠି ତୁମ୍ଭମାନଙ୍କର ଅନିଷ୍ଟ କରେ, ଆଉ ତଦ୍ୱାରା ଅନେକେ କଳୁଷିତ ହୁଅନ୍ତି ।**

ତିକ୍ତତା ଏକ ମୂଳ ସଦୃଶ, ଏହାକୁ ବୃଦ୍ଧି ପାଇବାକୁ ଦିଆଗଲେ ଏହା ଅନିଷ୍ଟ ସାଧନ କରେ- ସବୁପ୍ରକାର ଦୁଃଖଦୁର୍ଦ୍ଦଶା ଆସି ଆମ ପାଖରେ ପହଞ୍ଚିଥାଏ । ଏହାର ପ୍ରଭାବ ଆମ ଦ୍ୱାରା ଅନ୍ୟମାନଙ୍କ ଉପରେ ପଡ଼େ, ଫଳରେ ଆମେ ଯାହା ଅନୁଭବ କରିଥାଉ, ସେମାନେ ମଧ୍ୟ ତାହା ଅନୁଭବ କରିଥାନ୍ତି । ଏହାକୁ ନ ରୋକିଲେ, ତିକ୍ତତା ସଂକ୍ରମିତ ହୋଇ ପରିବ୍ୟାପ୍ତ ହୋଇଥାଏ । ଅନ୍ୟମାନେ ଆମ ପରି ତିକ୍ତ ହୋଇ ଉଠନ୍ତି ।

ଏବ୍ରୀ ୧୨:୧୫ରେ ତିକ୍ତତା ସମ୍ବନ୍ଧୀୟ ଚେତାବନୀ ପୂର୍ବରୁ ଈଶ୍ୱରଙ୍କ ଅନୁଗ୍ରହରୁ ପତିତ ନ ହେବା ସମ୍ପର୍କିତ ଚେତାବନୀ ରହିଛି । ଈଶ୍ୱର ପ୍ରଚୁର ଅନୁଗ୍ରହଦାତା । ଆମ ସମସ୍ତଙ୍କ ପ୍ରତି ତାଙ୍କର ଅନୁଗ୍ରହ ଉଚ୍ଛୁଳା ଓ ଅମାପ । ତଥାପି, ଆମ ହୃଦୟରେ ତିକ୍ତତା ରହିଲେ, ଈଶ୍ୱର ତାଙ୍କର ଆଶ୍ଚର୍ଯ୍ୟ ଅନୁଗ୍ରହ ଦ୍ୱାରା ଆମ ନିମନ୍ତେ, ଆମ ମଧ୍ୟରେ ଓ ଆମ ଦେଇ ଯାହା କରିପାରନ୍ତି ତାହାକୁ ଗ୍ରହଣ କରିବାରେ ଆମେ ବିଫଳ ହୋଇଥାଉ ।

ଏହାକୁ ନ ରୋକିଲେ, ତିକ୍ତତା କ୍ଷମା ନ ଦେବା ଆଡ଼କୁ କଢ଼ାଇ ନିଏ, ଯାହା ବିଶ୍ୱାସରେ ବାଧା ଜନ୍ମାଇଥାଏ (ମାର୍କ ୧୧:୨୨-୨୫) ।

ଏହାକୁ ନ ରୋକିଲେ, ତିକ୍ତତା ଘୃଣାଭାବ ଆଡ଼କୁ କଢ଼ାଇ ନିଏ । ଘୃଣାଭାବ ଜଣକୁ ଅନ୍ଧ କରିପକାଏ (୧ଯୋହନ ୨:୯-୧୧) । ଘୃଣାଭାବ ଯୋଗୁଁ ଅନ୍ଧ ହୋଇଥିବାରୁ ଆମେ ଅନ୍ଧକାରରେ ଭ୍ରମଣ କରୁ ଓ କେଉଁଆଡ଼େ ଯାଉଛୁ ଜାଣି ପାରି ନ ଥାଉ ।

ଘୃଣା କରିବା ନରହତ୍ୟା ସଙ୍ଗେ ସମାନ (୧ଯୋହନ ୩:୧୫) । ତିକ୍ତତାର ବଶବର୍ତ୍ତୀ ହୋଇ କାର୍ଯ୍ୟ କଲେ ଆମେ ନରହତ୍ୟା କରିପାରୁ । ଯେଉଁମାନେ ବିଘ୍ନ ଘଟାଇଥାନ୍ତି ସେମାନଙ୍କ ଚରିତ୍ର, ଖ୍ୟାତି, ସମ୍ମାନକୁ ହନନ କରିବାରେ ଆମେ ପଶ୍ଚାତ୍‌ପଦ ହୋଇ ନ ଥାଉ । ବେଳେବେଳେ ଆମେ ଅନ୍ୟମାନଙ୍କୁ ମଧ୍ୟ ସେହିପରି ଅଭିହିତ କରିଥାଉ । ଆମେ କହିଥାଉ "ପ୍ରତ୍ୟେକେ ଏହିପରି" । ଗୋଟିଏ ବିଘ୍ନ ଯାହା ହୃଦୟରେ ପ୍ରବେଶ କଲା, ତାହା ତିକ୍ତତା ସୃଷ୍ଟି କରେ ଓ ସମସ୍ତଙ୍କ ପ୍ରତି ଘୃଣାଭାବ ଆଣିଥାଏ ।

ଏ ସମସ୍ତ ନକାରାତ୍ମକ ଆବେଗ ଆମକୁ କଷ୍ଟ ପହଞ୍ଚାଇଥାଏ ଓ ଆମର କ୍ଷତି ଘଟାଇ ଚାଲେ ଯେଯାଏଁ ଆମେ ସେସବୁକୁ ଆମ ହୃଦୟରୁ ବହିଷ୍କାର ନ କରିଛୁ ।

## ବିଘ୍ନକୁ ବିତରଣ ନ କରନ୍ତୁ

ଏବ୍ରୀ ୧୨:୧୫ ଯେପରି କୁହାଯାଇଛି, ତିକ୍ତତାକୁ ନ ରୋକିଲେ ତାହା ଆମ ହୃଦୟରୁ ଉଚ୍ଛୁଳି ଅନ୍ୟମାନଙ୍କ ହୃଦୟରେ ପ୍ରବେଶ କରେ ।

ବିଘ୍ନଯୁକ୍ତ ହୋଇ କାର୍ଯ୍ୟ କଲେ ଆମେ ଅନ୍ୟ ଲୋକମାନଙ୍କ ମଧ୍ୟରେ ବିଘ୍ନ ମନୋଭାବକୁ ବିତରଣ, ବଣ୍ଟନ ଓ ପ୍ରସାରଣ କରିଥାଉ । ଆମେ ସେମାନଙ୍କୁ ଯାହା ସବୁ କହୁ ତାହା ସେମାନଙ୍କ ଚିନ୍ତାଧାରା, ଯୁକ୍ତି, ଓ ଦୃଷ୍ଟିକୋଣକୁ ଅନ୍ଧାରୁଆ କରିଦିଏ ।

**ରୋମୀୟ ୧୬:୧୭**
**ହେ ଭାଇମାନେ, ତୁମ୍ଭେମାନେ ଯେଉଁ ଶିକ୍ଷା ପାଇଅଛ, ସେଥିର ବିପରୀତ ଯେଉଁମାନେ ଦଳଭେଦ ଓ ବିଘ୍ନର କାରଣ ଘଟାନ୍ତି, ସେମାନଙ୍କୁ ଚିହ୍ନି ରଖି ସେମାନଙ୍କଠାରୁ ପୃଥକ୍ ରହିବା ପାଇଁ ମୁଁ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛି ।**

## ବିଘ୍ନ ସୃଷ୍ଟି ନ କରିବା ବା ଅପମାନ ନ କରିବା ପାଇଁ ନିର୍ଣ୍ଣୟ ନିଅନ୍ତୁ

**ରୋମୀୟ ୧୪:୧୦, ୧୩**
**୧୦ କିନ୍ତୁ ତୁମ୍ଭେ କାହିଁକି ଆପଣା ଭାଇର ବିଚାର କରୁଅଛ ? କିମ୍ବା ତୁମ୍ଭେ କାହିଁକି ଆପଣା ଭାଇକୁ ତୁଚ୍ଛ କରୁଅଛ ? ଆମ୍ଭେମାନେ ସମସ୍ତେ ତ ଈଶ୍ୱରଙ୍କ ବିଚାରାସନ ଛାମୁରେ ଠିଆ ହେବା ।**
**୧୩ ଏଣୁ ଆସ, ଆମ୍ଭେମାନେ ଆଉ ପରସ୍ପରର ବିଚାର ନ କରୁ, ମାତ୍ର କେହି ଯେପରି ଆପଣା ଭାଇର ବାଟରେ ବାଧାଜନକ କିମ୍ବା ବିଘ୍ନଜନକ ବିଷୟ ନ ରଖେ, ଏହା ତୁମ୍ଭେମାନେ ବିଚାର କର ।**

ରୋମୀୟ ୧୪ ଅଧ୍ୟାୟରେ ପାଉଲ ଆଲୋଚନା କରନ୍ତି ଯେ ଅନେକ ବିଶ୍ୱାସୀ ଖାଦ୍ୟ, ବିଶେଷ ଦିନ, ଇତ୍ୟାଦି ବିଷୟରେ ଭିନ୍ନ ଭିନ୍ନ ମତ ପୋଷଣ କରିଥାନ୍ତି । ସେ ସତର୍କୀକରଣ କରି କୁହନ୍ତି ଯେ ବିଶ୍ୱାସୀଭାବରେ, ଆମେ ପରସ୍ପରକୁ ଏସବୁ ବିଷୟରେ ବିଚାର କରିବା ଅନୁଚିତ । ଆମେମାନେ ପ୍ରତ୍ୟେକେ ମନରେ ନିଶ୍ଚିତ ରହିବା ଓ ଜାଣିବା ଉଚିତ ଯେ ଆମକୁ ପ୍ରଭୁଙ୍କ ନିକଟରେ ନିଜର ସବୁ ବିଷୟର ହିସାବ ଦେବାକୁ ହେବ । ଯଦିବା ଆମର ଏହି ସ୍ୱାଧୀନତା ରହିଛି, ଆମେ ସତର୍କ ରହିବା ଯେପରି ଆମେ ଆମ ଭାଇର ବାଟରେ ବାଧାଜନକ ପାଷାଣ ନ ରଖୁ ବା ଏପରି କୌଣସି ବିଷୟ ନ କରୁ ଯଦ୍ଦ୍ୱାରା ତାହା ଅନ୍ୟ ବିଶ୍ୱାସୀର ଝୁଣ୍ଟି ପଡ଼ିବାର କାରଣ ନ ହୁଏ ।

ବାଧାଜନକ ପାଷାଣର (*ଗ୍ରୀକ୍ proskomma*) ଅର୍ଥ ଝୁଣ୍ଟିବା ଭଳି ପ୍ରସ୍ତର । ବିଘ୍ନଜନକ ବିଷୟ (*ଗ୍ରୀକ୍ skandalon*) କହିଲେ ଯାହା ବାଧାର କାରଣ ହୋଇଥାଏ । ଏ ବିଷୟରେ ଆମେ ଆଗରୁ ଆଲୋଚନା କରିଛୁ ।

ବିଶ୍ୱାସୀଭାବରେ ଆମେ ପରସ୍ପରକୁ ବାଧା ଦେବା ବା ବିଘ୍ନ ଘଟାଇବା ଅନୁଚିତ । ଏହା ଆମେ କରିଥାଉ ଯେତେବେଳେ ଆମେ ଈଶ୍ୱରଙ୍କ ସ୍ଥାନ ନେଇ ଅନାବଶ୍ୟକ ପ୍ରସଙ୍ଗରେ ପରସ୍ପରର ବିଚାର କରିଥାଉ (ରୋମୀୟ ୧୪:୪) । କିନ୍ତୁ ପ୍ରଭୁ ଆମକୁ ସ୍ୱାଧୀନତା ଦେଇଛନ୍ତି ଆମର ପସନ୍ଦ ମୁତାବକ କାର୍ଯ୍ୟ କରିବା ପାଇଁ ଓ ତାହାଙ୍କ ଛାମୁରେ ନିଜ ନିଜର ହିସାବ ଦେବା ପାଇଁ (ରୋମୀୟ ୧୪:୧୨) ।

ପରସ୍ପରକୁ ବାଧା ଦେବା ଓ ବିଘ୍ନ ଘଟାଇବା କାର୍ଯ୍ୟ ଆମେ କରିଥାଉ ଯେତେବେଳେ ଅନ୍ୟକୁ ଆମେ ତୁଚ୍ଛ କରୁ, ଘୃଣା କରୁ, ଅସମ୍ମାନ କରୁ, ଅବଜ୍ଞା ପ୍ରଦର୍ଶନ କରୁ, ନିଜକୁ ଅଧିକ ଉତ୍ତମ ମନେ କରୁ, ଅନ୍ୟକୁ ମୂଲ୍ୟହୀନ ମନେ କରୁ ।

ଯେପରି କୁହାଯାଇଛି, ଆମେ ସ୍ୱେଚ୍ଛାକୃତ ଭାବେ ନିଷ୍ପତ୍ତି ନେବା ଯେପରି ଆମେ ବିଘ୍ନକୁ ହୃଦୟରେ ଗ୍ରହଣ କରିବା ନାହିଁ କି ବିଘ୍ନଯୁକ୍ତ ହୋଇ କାର୍ଯ୍ୟ କରିବା ନାହିଁ ।

## ଅନୁଚିନ୍ତା

୧) ଏକ ବିଘ୍ନିତ ହୃଦୟ ଏକ ଆଘାତପ୍ରାପ୍ତ ହୃଦୟ । କୌଣସି ବିଘ୍ନକୁ ଧରି ରହିଲେ ବ୍ୟକ୍ତିଗତ ଭାବରେ ଆମେ କିପରି କ୍ଷତିଗ୍ରସ୍ତ ହୋଇଥାଉ ?

୨) ବିଘ୍ନ ସକାଶୁଁ କେଉଁସବୁ ନକାରାତ୍ମକ ଆବେଗସବୁ ଜନ୍ମ ନେଇଥାଏ ? ଏହା କିପରି ଆମକୁ ଓ ଆମ ଚାରିପାଖରେ ଥିବା ଅନ୍ୟମାନଙ୍କୁ ପ୍ରଭାବିତ କରିଥାଏ ?

୩) ରୋମୀୟ ୧୪:୧୦, ୧୩ ଅନୁସାରେ ଆମେ କେଉଁ ଦୁଇଟି ବିଷୟ କରିବା ଉଚିତ ନୁହେଁ, ଯଦ୍ୱାରା ଅନ୍ୟମାନଙ୍କୁ ଆମେ ବାଧା ଦେବା ନାହିଁ ବା ବିଘ୍ନ ଘଟାଇବା ନାହିଁ ?

# ୫

# ପ୍ରେମରେ ଆଚରଣ ଆମକୁ ମୁକ୍ତରଖେ

ପୂର୍ବବର୍ତ୍ତୀ ଅଧ୍ୟାୟଗୁଡ଼ିକରେ ଆମେ ଚାରୋଟି ଗୁରୁତ୍ୱପୂର୍ଣ୍ଣ ହୃଦୟର ନିଷ୍ପତ୍ତି ବିଷୟରେ ଆଲୋଚନା କରିଛୁ, ଯାହା ଆମେ ବିଘ୍ନର ସମ୍ମୁଖୀନ ହେଲେ ନେବା ଆବଶ୍ୟକ, ସେଗୁଡ଼ିକ ହେଲା:

୧) ଦୋଷ ନ ଧରି ଛାଡ଼ି ଦିଅନ୍ତୁ ।

୨) ରୋମୀୟ ୧୨:୧୭-୨୧ ଅନୁଯାୟୀ ଆଚରଣ କରନ୍ତୁ ଓ ଈଶ୍ୱରଙ୍କ ଉପରେ ଆପଣଙ୍କର ନିର୍ଦ୍ଦୋଷତା ସିଦ୍ଧ କରିବା ବିଷୟ ଛାଡ଼ି ଦିଅନ୍ତୁ ।

୩) ଗର୍ବ ଆପଣଙ୍କ ହୃଦୟକୁ ଚାଳିତ ନ କରୁ ।

୪) ବିଘ୍ନ ହେତୁ ପ୍ରତିକ୍ରିୟାଶୀଳ ନ ହୁଅନ୍ତୁ ।

ଏହି ଅଧ୍ୟାୟରେ ପଞ୍ଚମ ଗୁରୁତ୍ୱପୂର୍ଣ୍ଣ ହୃଦୟର ନିଷ୍ପତ୍ତି ବିଷୟରେ ଆଲୋଚିତ ହୋଇଛି, ଯାହା ବିଘ୍ନ ପାଇଲେ ଆମେ କାର୍ଯ୍ୟକାରୀ କରିବା ଆବଶ୍ୟକ । ଆମେ ସ୍ୱେଚ୍ଛାକୃତ ଭାବରେ ପ୍ରେମରେ ଆଚରଣ କରିବାକୁ ମନୋନୀତ କରିବା । ପ୍ରେମ ଆମ ହୃଦୟକୁ ପରିଷ୍କୃତ, ନିର୍ମଳ ଓ ମୁକ୍ତ ରଖିଥାଏ ।

## ପ୍ରେମ ଆପଣଙ୍କ ହୃଦୟକୁ ପରିଷ୍କୃତ ରଖେ

**୧ଯୋହନ ୨:୧୦**
**ଯେ ଆପଣା ଭାଇକୁ ପ୍ରେମ କରେ, ସେ ଜ୍ୟୋତିରେ ରହେ, ପୁଣି ତାହାଠାରେ ଝୁଣ୍ଟିବାର କୌଣସି କାରଣ ନାହିଁ ।**

ବିଘ୍ନର ସର୍ବଶ୍ରେଷ୍ଠ ପ୍ରତିକାର ହେଉଛି ଆମ ମଧ୍ୟ ଦେଇ ପ୍ରବାହିତ ଈଶ୍ୱରଙ୍କ ପ୍ରେମ ।

ଆମ ପ୍ରତି ଅନ୍ୟାୟ କରାଗଲେ, ଆମକୁ ଅପମାନିତ ଓ କ୍ରୋଧିତ କରାଗଲେ ଆମେ

ଏହାର ଯନ୍ତ୍ରଣା ଅନୁଭବ କରିଥାଉ । କିନ୍ତୁ ସେହି ମୁହୂର୍ତ୍ତରେ, ଆମେ ଈଶ୍ୱରଙ୍କ ପ୍ରେମକୁ ଆମନ୍ତ୍ରଣ କରୁ ଯାହା କି ତାହାଙ୍କ ଆତ୍ମାଙ୍କ ଦ୍ୱାରା ଆମମାନଙ୍କ ହୃଦୟରେ ପରିବ୍ୟାପ୍ତ ହୋଇଛି (ରୋମୀୟ ୫:୫) । ଏହି ପ୍ରେମ ଆମ ଦେଇ ଆମମାନଙ୍କୁ ବିଘ୍ନିତ କରିଥିବା ଲୋକମାନଙ୍କଠାରେ ପ୍ରବାହିତ ହୁଏ ।

ଏହା କରିବା ପାଇଁ ଆମେ ଯେତେବେଳେ ମନୋନୀତ କରୁ, ଓ ହୃଦୟରେ ପ୍ରେମ ରଖି ଆଚରଣ କରୁ, ଆମେ ଜ୍ୟୋତିରେ ରହୁ । ଈଶ୍ୱରଙ୍କ ଆଲୋକ ଆମକୁ ପରିପୂର୍ଣ୍ଣ କରେ । ଆମର ହୃଦୟ ପରିଷ୍କୃତ, ନିର୍ମଳ ଓ ମୁକ୍ତ ରହେ । ଆମେ ବିଘ୍ନମୁକ୍ତ ଆଚରଣ କରୁ । କୌଣସି ବିଷୟ ଆମ ନିମନ୍ତେ ଫାନ୍ଦ ଓ ପ୍ରତିବନ୍ଧକ ସ୍ୱରୂପ ହୁଏ ନାହିଁ । ପ୍ରେମ କୌଣସି ବିଘ୍ନକୁ ସୁଯୋଗ ଦିଏ ନାହିଁ । ପ୍ରେମ ଓ ବିଘ୍ନ ମିଳିମିଶି ରହି ନ ପାରନ୍ତି ।

ଆମ ହୃଦୟରେ ପ୍ରେମ ରହିଲେ ଆମେ ଆମକୁ ବିଘ୍ନିତ କରିଥିବା ଲୋକମାନଙ୍କୁ କ୍ଷମା ଓ ଆଶୀର୍ବାଦ ପ୍ରଦାନ କରିଥାଉ ।

ବର୍ତ୍ତମାନ ଆମକୁ ବିଘ୍ନିତ କରିଥିବା ଲୋକଙ୍କ ପ୍ରତି ଆମେ ଆମ ହୃଦୟରେ ପ୍ରେମ ରଖି ସେମାନଙ୍କ ସହିତ କଥାବାର୍ତ୍ତା ହେବା । ଆମେ ସେମାନଙ୍କୁ ସୂଚିତ କରିପାରିବା ସେମାନଙ୍କର କେଉଁ ବିଷୟ ଯୋଗୁଁ ଆମକୁ ଆଘାତ ଲାଗିଛି । ଏବଂ ଏହା ଆମେ କ୍ରୋଧ, ଆଘାତ, ପ୍ରତିଶୋଧ ବା ବିଦ୍ୱେଷର ଭାବନା ନ ରଖି କରି ପାରିଥାଉ । ଆମେ ଏହା ପ୍ରେମରେ ଓ କ୍ଷମାର ଆତ୍ମାରେ କରି ପାରିଥାଉ ।

## ପ୍ରେମ ସବୁକୁ ଜୟ କରେ

**ହିତୋପଦେଶ ୧୦:୧୨**
**ହିଂସା କଳି ଜନ୍ମାଏ, ମାତ୍ର ପ୍ରେମ ସବୁ ଅଧର୍ମ ଢ଼ାଙ୍କଇ ।**

**ହିତୋପଦେଶ ୧୭:୯**
**ଯେ ଅଧର୍ମ ଢ଼ାଙ୍କେ, ସେ ପ୍ରେମ ଖୋଜେ; ମାତ୍ର ଯେ ପୁନଃ ପୁନଃ ଗୋଟିଏ କଥା ଉତ୍‌ଥାପନ କରେ, ସେ ବିଶେଷ ମିତ୍ରଗଣକୁ ବିଭିନ୍ନ କରେ ।**

ଯଦି ଆମେ ବିଘ୍ନିତ ହୋଇ ପ୍ରେମରେ ଅଗ୍ରସର ହେଉ, ବିଘ୍ନ ଘଟାଇଥିବା ବ୍ୟକ୍ତି ଉପରେ ପ୍ରତିଶୋଧ ନେବାକୁ ଆମେ ଚାହିଁ ନ ଥାଉ । ଆମେ ସେମାନଙ୍କର କୁକର୍ମ ବା ସେମାନେ ଯାହା କରିଥିବାରୁ ଆମେ ଅପମାନିତ ହୋଇଛୁ ତାକୁ ଆଚ୍ଛାଦନ କରିବାକୁ ଚାହିଁ ଥାଉ ।

ଅନ୍ୟମାନଙ୍କ ନିକଟରେ ସେମାନଙ୍କ ବିଷୟରେ କଥାବାର୍ତ୍ତା ହେଲେ ଆମେ ଜଗିରଖି କଥାବାର୍ତ୍ତା କରୁ । ଆମେ ବିଷୟକୁ ପୁନରାବୃତ୍ତି କରି ନ ଥାଉ, ଯଦ୍ୱାରା ସେମାନେ ପ୍ରକୃତରେ ଯାହା ଅଟନ୍ତି ତାକୁ ବିକୃତ କରି, ମର୍ଯ୍ୟାଦାହାନି କରି ବା ନିନ୍ଦା କରି କିଛି କହି ନ ଥାଉ । ଆମେ ସତର୍କ ହେଉ ଯେପରି କି ଆମର କଥା ଅନ୍ୟମାନଙ୍କ ସହିତ ସେମାନଙ୍କୁ ଅପଦ୍ଧ କରି ନ ଦିଏ ।

ଏହା ସର୍ବଜୟୀ ପ୍ରେମ । ଏହି ପ୍ରେମ ବିଘ୍ନକୁ ଜୟ କରେ । ଏହି ପ୍ରେମ ଆମ ବିରୁଦ୍ଧରେ ଶତ୍ରୁ ସଜାଇବାକୁ ଉଦ୍ୟତ ସମସ୍ତ ଫାନ୍ଦ ଓ ପ୍ରତିବନ୍ଧକ ଉପରେ ଜୟ ଲାଭ କରେ ।

## ଯେ କୌଣସି ପରିପ୍ରେକ୍ଷୀରେ ପ୍ରେମ କରନ୍ତୁ

**୧ଯୋହନ ୪:୧୧**
**ହେ ପ୍ରିୟମାନେ, ଈଶ୍ୱର ଯଦି ଆମ୍ଭମାନଙ୍କୁ ଏପରି ପ୍ରେମ କଲେ, ତେବେ ଆମ୍ଭମାନଙ୍କର ମଧ୍ୟ ପରସ୍ପରକୁ ପ୍ରେମ କରିବା ଉଚିତ ।**

ବିଘ୍ନ ସମୟରେ ଈଶ୍ୱରଙ୍କ ପ୍ରେମରେ ପ୍ରେମ କରିବା କିଛି ସହଜ ବିଷୟ ନୁହେଁ । ଆମକୁ ବିଘ୍ନ ପହଞ୍ଚାଇଥିବା ବ୍ୟକ୍ତି ଆମଠାରୁ ସକାରାତ୍ମକ ଉତ୍ତର ପାଇବା ପାଇଁ ଯୋଗ୍ୟ ନୁହେଁ ବୋଲି ଅନେକ କାରଣ ଆମ ନିକଟରେ ରହି ଥାଇ ପାରେ । କିନ୍ତୁ ଆମେ ଯେତେବେଳେ ମନେ ପକାଉ ଯେ ଈଶ୍ୱର ଆମକୁ ଅବର୍ଣ୍ଣନୀୟ ଓ ଅସୀମିତ ଭାବରେ ପ୍ରେମ କରନ୍ତି, ସେତେବେଳେ ବିଘ୍ନ ପହଞ୍ଚାଇଥିବା ବ୍ୟକ୍ତିକି ଅନୁରୂପ ପ୍ରେମ କରିବା ବ୍ୟତୀତ ଅନ୍ୟ ବିକଳ୍ପ ଆମ ପାଖରେ ନ ଥାଏ । ଯେ କୌଣସି ପରିପ୍ରେକ୍ଷୀରେ ଆମେ ସେମାନଙ୍କୁ ପ୍ରେମ କରିଥାଉ ।

## କେବଳ କଥାରେ ନୁହେଁ, କାର୍ଯ୍ୟରେ ପ୍ରେମ କରନ୍ତୁ

**୧ଯୋହନ ୩:୧୮**
**ହେ ବତ୍ସଗଣ, ଆସ, ଆମ୍ଭେମାନେ ବାକ୍ୟରେ କି ଜିହ୍ୱାରେ ପ୍ରେମ ନ କରି କାର୍ଯ୍ୟରେ ଓ ସତ୍ୟରେ ପ୍ରେମ କରୁ ।**

**ରୋମୀୟ ୧୨:୯**
**ପ୍ରେମ ନିଷ୍କପଟ ହେଉ । ଯାହା ମନ୍ଦ, ତାହା ଘୃଣା କର; ଯାହ ଉତ୍ତମ, ସେଥିରେ ଆସକ୍ତ ହୁଅ ।**

ଏହି ବିଷୟକୁ ଆମେ ବୌଦ୍ଧିକ ବା ତାତ୍ତ୍ୱିକ ରୂପେ ଘୋଷଣା କରି କହି ନ ଥାଉ, ମାତ୍ର ବାସ୍ତବ ଜୀବନରେ କରି ଦେଖାଇ ଥାଉ । ଆମର ପ୍ରେମ ଅକୃତ୍ରିମ । ଏହା ସତ୍ୟ । ଏହା

ବାସ୍ତବ । ଏହା ଆମ ହୃଦୟରୁ ନିର୍ଗତ ହୋଇଥାଏ । ଏହା ଅତୀତକୁ ଲିଭାଇ ଦିଏ । ଏହା ବିଘ୍ନ ଘଟାଇଥିବା ବ୍ୟକ୍ତିର ଦୋଷ ନ ଧରି ତାକୁ ମୁକ୍ତ କରିଦିଏ । ଏହି ମାର୍ଗରେ ଆମେ ଜୀବନ ଯାପନ କରୁ ।

ପ୍ରେମ କେବଳ ବିଘ୍ନ ଘଟାଇଥିବା ବ୍ୟକ୍ତିକୁ ମୁକ୍ତ କରି ନ ଥାଏ, ଏହା ଆମକୁ ମଧ୍ୟ ମୁକ୍ତ କରେ । ଆମେ ପରିଷ୍କୃତ, ନିର୍ମଳ ଓ ମୁକ୍ତ ହୋଇଥାଉ ।

ପ୍ରେମ, ବିଘ୍ନ ସୀମାରେଖାର ଉର୍ଦ୍ଧ୍ୱରେ ରହି ଜୀବନ ଯାପନ କରିବା ପାଇଁ ଆମକୁ ମୁକ୍ତ କରେ ।

ସର୍ବଦା ବିଘ୍ନ ସୀମାରେଖାର ଉର୍ଦ୍ଧ୍ୱରେ ରହି ଜୀବନ ଯାପନ କରନ୍ତୁ । ସର୍ବଦା ପ୍ରେମରେ ଜୀବନ ଯାପନ କରନ୍ତୁ ।

## ଅନୁଚିନ୍ତା

୧) ଏପରି କେହି ଅଛନ୍ତି କି, ଯେଉଁମାନେ ଆପଣଙ୍କୁ ବିଘ୍ନ ପହଞ୍ଚାଇଥିଲେ ଏବଂ ସେମାନଙ୍କୁ ଆପଣ ପ୍ରେମରେ ମୁକ୍ତ କରିବାକୁ ଚାହାନ୍ତି ? ଏହି ଅଧ୍ୟାୟରେ ଆଲୋଚିତ ପ୍ରେମରେ ଆଚରଣ କରିବାର କାର୍ଯ୍ୟ ସମ୍ପର୍କରେ ଚିନ୍ତା କରନ୍ତୁ ଯେପରି କି ସେମାନଙ୍କ ପ୍ରତି ତାହା ପ୍ରୟୋଗ କରିବେ ।

# ଯେଉଁ ଇଶ୍ୱର୍ ଆପଣଙ୍କୁ ପ୍ରେମ କରନ୍ତି ତାହାଙ୍କୁ ଆପଣ ଜାଣନ୍ତି କି ?

୨୦୦୦ ବର୍ଷ ତଳେ ଇଶ୍ୱର ମନୁଷ୍ୟ ରୂପରେ ଜନ୍ମ ନେଇ ଜଗତକୁ ଆସିଥିଲେ । ସେ ଯୀଶୁ ନାମରେ ଖ୍ୟାତ ହୋଇଥିଲେ । ସେ ଏକ ସିଦ୍ଧ ପାପଶୂନ୍ୟ ଜୀବନ କାଟିଥିଲେ । ସେ ରକ୍ତମାଂସ ବିଶିଷ୍ଟ ଇଶ୍ୱର ହୋଇଥିବାରୁ ତାଙ୍କର ପ୍ରତ୍ୟେକ ବାକ୍ୟ ଓ କର୍ମ ଦ୍ୱାରା ସେ ଇଶ୍ୱରଙ୍କୁ ଆମ ନିକଟରେ ପ୍ରକାଶ କଲେ । ସେ ଯାହା କହିଲେ ତାହା ଇଶ୍ୱରଙ୍କ ବାକ୍ୟ ଥିଲା । ସେ ଯାହା କଲେ ତାହା ଇଶ୍ୱରଙ୍କ କାର୍ଯ୍ୟ ଥିଲା । ସେ ଜଗତରେ ଅନେକ ଆଶ୍ଚର୍ଯ୍ୟ କର୍ମ ସାଧନ କରିଥିଲେ । ସେ ରୋଗୀ ଓ ଦୁଃଖ ଭୋଗ କରୁଥିବା ଲୋକମାନଙ୍କୁ ସୁସ୍ଥ କଲେ । ସେ ଅନ୍ଧମାନଙ୍କୁ ସୁସ୍ଥ କଲେ, ବଧିରମାନଙ୍କର କର୍ଣ୍ଣ ଖୋଲିଲେ, ପଙ୍ଗୁମାନଙ୍କୁ ଚାଲିବାର ଶକ୍ତି ଦେଲେ ଓ ସବୁପ୍ରକାର ରୋଗକୁ ସୁସ୍ଥ କଲେ । ସେ ଅଳ୍ପ କେତୋଟି ରୋଟୀ ଓ ମାଛକୁ ବହୁଗୁଣିତ କରି ହଜାର ହଜାର ଲୋକମାନଙ୍କୁ ଆଶ୍ଚର୍ଯ୍ୟଭାବରେ ଖୁଆଇ ପରିତୃପ୍ତ କଲେ, ଝଡ଼ ବତାସକୁ ଆଜ୍ଞା ଦେଇ ସେ ଶାନ୍ତ କଲେ, ଏପରି ସେ ଅସଂଖ୍ୟ ଆଶ୍ଚର୍ଯ୍ୟକର୍ମ କଲେ ।

**ଏହି ସମସ୍ତ ବିଷୟ ପ୍ରକାଶ କଲେ ଯେ ଇଶ୍ୱର ମଙ୍ଗଳମୟ ଓ ସେ ଚାହାନ୍ତି ଯେପରି ସମସ୍ତେ ସୁଖଶାନ୍ତି ଓ ଆନନ୍ଦରେ ରୁହନ୍ତୁ, ସବଳ ସୁସ୍ଥ ରୁହନ୍ତୁ । ସେ ଆମମାନଙ୍କର ସମସ୍ତ ଅଭାବ ଓ ଆବଶ୍ୟକତାକୁ ପୂରଣ କରନ୍ତି ।**

ତେବେ ଇଶ୍ୱର କାହିଁକି ମାନବ ରୂପରେ ଜଗତକୁ ଆସିବାକୁ ଚାହିଁଲେ ? ଯୀଶୁ କାହିଁକି ଜଗତକୁ ଆସିଥିଲେ ?

ଆମେମାନେ ସମସ୍ତେ ପାପ କରିଛୁ ଓ ଆମର ସୃଷ୍ଟିକର୍ତ୍ତା ଇଶ୍ୱର ଆମଠାରୁ ଯାହା ଚାହାନ୍ତି ନାହିଁ ତାହା କରି ଚାଲିଛୁ । ପାପ ଇଶ୍ୱରଙ୍କଠାରୁ ଆମକୁ ବିଚ୍ଛିନ୍ନ କରି ରଖିଥିବା ଏକ ବିରାଟ ଅଭେଦ୍ୟ ପ୍ରାଚୀର ସଦୃଶ୍ୟ । ପାପ ଆମକୁ ଇଶ୍ୱରଙ୍କଠାରୁ ବିଚ୍ଛିନ୍ନ କରି ଦେଇଥାଏ । ଯିଏ ଆମକୁ ସୃଷ୍ଟି କରିଛନ୍ତି ତାହାଙ୍କୁ ଜାଣିବା ଓ ତାହାଙ୍କ ସଙ୍ଗେ ଯଥାର୍ଥ ଓ ଅର୍ଥପୂର୍ଣ୍ଣ ସମ୍ପର୍କ ରକ୍ଷା କରିବାରେ ଏହା ଅନ୍ତରାୟ ସୃଷ୍ଟି କରିଥାଏ । ଏଣୁ ଆମେ ଅନ୍ୟ କୌଣସି ବିଷୟ ଦ୍ୱାରା ଏହି ଶୂନ୍ୟସ୍ଥାନକୁ ପୂରଣ କରିବାକୁ ଚେଷ୍ଟା କରିଥାଉ ।

ପାପ ଆମକୁ ଇଶ୍ୱରଙ୍କଠାରୁ ଅନନ୍ତକାଳ ପାଇଁ ବିଚ୍ଛିନ୍ନ କରିଦେଇଥାଏ । ଇଶ୍ୱରଙ୍କ ଦରବାରରେ ପାପର ଦଣ୍ଡ ମୃତ୍ୟୁ । ମୃତ୍ୟୁ କହିଲେ ଇଶ୍ୱରଙ୍କଠାରୁ ଅନନ୍ତକାଳ ନିମନ୍ତେ ବିଚ୍ଛିନ୍ନ ହୋଇ ନରକାଗ୍ନିରେ ଦଣ୍ଡ ଭୋଗିବା ।

କିନ୍ତୁ ଆପଣଙ୍କ ନିମନ୍ତେ ଶୁଭ ଖବର ରହିଛି । ଆପଣ ପାପରୁ ମୁକ୍ତି ପାଇ ପାରିବେ ଓ ଈଶ୍ୱରଙ୍କ ସଙ୍ଗେ ମିଳିତ ହୋଇପାରିବେ । ବାଇବଲ କହେ, *"ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହଦାନ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ" (ରୋମୀ ୬:୨୩) ।* ଯୀଶୁ କ୍ରୁଶରେ ମୃତ୍ୟୁବରଣ କରି ସମସ୍ତ ମାନବ ସମାଜର ପାପର ମୂଲ୍ୟକୁ ପରିଶୋଧ କରିଦେଇଛନ୍ତି । ସେ ତୃତୀୟ ଦିବସରେ ପୁନରୁତ୍‌ଥିତ ହେଲେ, ଅନେକଙ୍କ ନିକଟରେ ନିଜେ ଜୀବିତ ଥିବା ପ୍ରମାଣ ଦେଖାଇଲେ ଓ ସ୍ୱର୍ଗାରୋହଣ କଲେ ।

ଈଶ୍ୱର ପ୍ରେମମୟ ଓ କରୁଣାମୟ । କେହି ଯେ ନରକଗାମୀ ହେଉ ଏହା ସେ କଦାପି ଚାହାନ୍ତି ନାହିଁ । ଏଣୁ ସେ ସମସ୍ତ ମାନବଜାତିକୁ ପାପରୁ ଓ ପାପର ଦଣ୍ଡରୁ ମୁକ୍ତ କରିବା ନିମନ୍ତେ ଏକ ପଥ ପ୍ରସ୍ତୁତ କରିବା ପାଇଁ ଏହି ଜଗତକୁ ଆସିଥିଲେ । ସେ ପାପୀମାନଙ୍କୁ ଉଦ୍ଧାର କରିବା ପାଇଁ ଆସିଥିଲେ, ଆପଣ ଓ ମୋ ଭଳି ଲୋକମାନଙ୍କୁ ପାପ ଓ ଅନନ୍ତ ମୃତ୍ୟୁରୁ ରକ୍ଷା କରିବା ପାଇଁ ସେ ଆସିଥିଲେ ।

ବିନା ମୂଲ୍ୟରେ ପାପକ୍ଷମା ପାଇବାକୁ ହେଲେ ଆପଣଙ୍କୁ ଗୋଟିଏ ବିଷୟ କରିବାକୁ ହେବ - କ୍ରୁଶ ଉପରେ ପ୍ରଭୁ ଯୀଶୁ ଯାହା ସାଧନ କରିଅଛନ୍ତି ତାହା ଗ୍ରହଣ କରିବାକୁ ହେବ ଓ ସମସ୍ତ ହୃଦୟର ସହିତ ତାଙ୍କୁ ବିଶ୍ୱାସ କରିବାକୁ ହେବ ।

*"ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ପାପକ୍ଷମା ପାଇବ" (ପ୍ରେରିତ ୧୦:୪୩) ।*

*"ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇ ଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ" (ରୋମୀ ୧୦:୯) ।*

ଯଦି ଆପଣ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବେ ଆପଣ ମଧ୍ୟ ପାପ କ୍ଷମା ପାଇପାରିବେ ଓ ଆପଣାର ସମସ୍ତ ପାପରୁ ପରିଷ୍କୃତ ହୋଇପାରିବେ ।

ନିମ୍ନରେ ଏକ ସରଳ ପ୍ରାର୍ଥନା ଦିଆଯାଇଛି । ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କରିବାକୁ ଓ ସେ କ୍ରୁଶ ଉପରେ ଆପଣଙ୍କ ନିମନ୍ତେ କ'ଣ ସାଧନ କରିଛନ୍ତି ତାହା ବିଶ୍ୱାସ କରି ଜୀବନରେ ଏକ ନିଷ୍ପତ୍ତି ନେବା ପାଇଁ ଏବଂ ଆପଣଙ୍କ ପାପସବୁରୁ କ୍ଷମା ପାଇବା ପାଇଁ ଓ ସେଥିରୁ ପରିଷ୍କୃତ ହେବା ପାଇଁ ଏହି ପ୍ରାର୍ଥନା ଆପଣଙ୍କୁ ସାହାଯ୍ୟ କରିବ । ଏହି ପ୍ରାର୍ଥନା ଏକ ନମୁନା ମାତ୍ର । ଆପଣ ନିଜ ଭାଷାରେ ମଧ୍ୟ ପ୍ରାର୍ଥନା କରିପାରିବେ ।

*ପ୍ରିୟ ପ୍ରଭୁ ଯୀଶୁ, ତୁମେ କ୍ରୁଶ ଉପରେ ମୋ ନିମନ୍ତେ ଯାହା ସାଧନ କରିଛ ଆଜି ମୁଁ ତାହା ବୁଝି ପାରିଛି । ମୁଁ ଯେପରି ପାପରୁ କ୍ଷମା ପାଇବି ଏଥିପାଇଁ ତୁମେ ମୋ ପାଇଁ କ୍ରୁଶରେ ପ୍ରାଣ ଦେଲ, ତୁମର ଅମୂଲ୍ୟ ରକ୍ତକୁ ବୁହାଇ ମୋର ପାପର ମୂଲ୍ୟକୁ ପରିଶୋଧ କଲ । ବାଇବଲ କହେ ଯେ କେହି ତୁମଠାରେ ବିଶ୍ୱାସ କରେ ସେ ତା'ର ପାପସବୁରୁ କ୍ଷମା ପାଇବ ।*

*ମୁଁ ତୁମଠାରେ ବିଶ୍ୱାସ କରିବାକୁ ଏବଂ ମୋ ନିମନ୍ତେ କ୍ରୁଶୀୟ ମୃତ୍ୟୁଭୋଗ କରି ଓ ପୁନରୁତ୍‌ଥିତ ହୋଇ ମୋ ନିମନ୍ତେ ତୁମେ ଯାହା ସାଧନ କରିଛ ତାହା ଗ୍ରହଣ କରିବାକୁ ଆଜି ମୁଁ ନିଷ୍ପତ୍ତି ନେଉଛି । ମୁଁ ଜାଣେ କୌଣସି ସତ୍କର୍ମ କରି ମୁଁ ନିଜକୁ ନିଜେ ଉଦ୍ଧାର କରିପାରିବି ନାହିଁ କି ଅନ୍ୟ କୌଣସି ବ୍ୟକ୍ତି ମଧ୍ୟ ମୋତେ ଉଦ୍ଧାର କରିପାରିବ ନାହିଁ । ମୁଁ କେବେ ମୋର ପାପସବୁରୁ କ୍ଷମା ପାଇପାରିବି ନାହିଁ ଓ ଏଥିନିମନ୍ତେ କିଛି କରିପାରିବି ନାହିଁ ।*

*ଆଜି ମୁଁ ମୋର ହୃଦୟରେ ବିଶ୍ୱାସ କରୁଛି ଓ ମୋ ମୁଖରେ ସ୍ୱୀକାର କରୁଛି ଯେ ତୁମେ ମୋ ନିମନ୍ତେ ମୃତ୍ୟୁଭୋଗ କରିଅଛ । ତୁମେ ମୋର ପାପର ଦଣ୍ଡକୁ ପରିଶୋଧ କରିଦେଇଛ । ତୁମେ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଛ ଓ ତୁମଠାରେ ବିଶ୍ୱାସ କରି ମୁଁ ପାପ କ୍ଷମା ପାଇଛି ଓ ମୋର ପାପସବୁରୁ ପରିଷ୍କୃତ ହୋଇଛି ।*

*ଧନ୍ୟବାଦ ଯୀଶୁ, ତୁମକୁ ପ୍ରେମ କରିବାକୁ ଓ ତୁମକୁ ଅଧିକରୁ ଅଧିକ ଜାଣିବାକୁ ଓ ତୁମଠାରେ ବିଶ୍ୱସ୍ତ ରହିବାକୁ ମୋତେ ସାହାଯ୍ୟ କର । ଆମେନ୍ ।*

# ଅଲ୍ ପିପୁଲ୍ସ ଚର୍ଚ୍ଚ୍‌କୁ ଜାଣନ୍ତୁ

ଏହି ମଣ୍ଡଳୀ ବାଙ୍ଗାଲୁରୁରେ ଅବସ୍ଥିତ । ଏହି ନଗରରେ ଲବଣ ଓ ଆଲୋକ ସ୍ୱରୂପ ହେବା ତଥା ଭାରତ ଓ ଅନ୍ୟାନ୍ୟ ରାଷ୍ଟ୍ର ନିକଟରେ ଏକ ସ୍ୱର ପରି କାର୍ଯ୍ୟ କରିବା ଆମର ଦର୍ଶନ ଅଟେ ।

ଈଶ୍ୱରଙ୍କ ବାକ୍ୟକୁ ସମ୍ପୂର୍ଣ୍ଣରୂପେ, ସାଲିସ୍ ନକରି, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ପ୍ରଦର୍ଶନ ଦ୍ୱାରା ଉପସ୍ଥାପିତ କରିବା ପାଇଁ ଆମେ ବଚନବଦ୍ଧ । ଆମେ ବିଶ୍ୱାସ କରୁ ଯେ ଉତ୍ତମ ସଙ୍ଗୀତ, ସୃଜନଶୀଳ ଉପସ୍ଥାପନା, ଜ୍ଞାନଯୁକ୍ତ ତର୍କ, ସମସାମୟିକ ସେବାକାର୍ଯ୍ୟ କୌଶଳ, ସାମ୍ପ୍ରତିକ ବୈଷୟିକ କୌଶଳ ଇତ୍ୟାଦି ଦ୍ୱାରା ବାକ୍ୟ ପ୍ରଚାର କଲେ ମଧ୍ୟ ତାହା ଈଶ୍ୱରଙ୍କ ଅନୁମୋଦିତ ବାକ୍ୟ ପ୍ରଚାରର ସ୍ଥାନ ନେଇ ନପାରେ ଅର୍ଥାତ୍ ପବିତ୍ର ଆତ୍ମାଙ୍କ ଶକ୍ତିରେ ଅନୁବର୍ତ୍ତୀ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମ ଓ ଆତ୍ମାଙ୍କ ଦାନ ସହ ବାକ୍ୟ ପ୍ରଚାରିତ ହେବା ଉଚିତ (୧ କରିନ୍ଥୀ ୨:୪,୫; ଏବ୍ରୀ ୨: ୩, ୪) । ଆମମାନଙ୍କ ପ୍ରସଙ୍ଗ ଯୀଶୁ, ଆମମାନଙ୍କ ବିଷୟବସ୍ତୁର ଆଧାର ଈଶ୍ୱରଙ୍କ ବାକ୍ୟ, ଆମମାନଙ୍କ ପ୍ରଣାଳୀ ପବିତ୍ର ଆତ୍ମାଙ୍କ ଶକ୍ତି, ଆମମାନଙ୍କ ଅନୁରାଗ ଜନତା ଓ ଏବଂ ଆମମାନଙ୍କ ଲକ୍ଷ୍ୟ ଖ୍ରୀଷ୍ଟଙ୍କ ସଦୃଶ ସିଦ୍ଧିଲାଭ ।

ବାଙ୍ଗାଲୁରୁରେ ଆମର ମୁଖ୍ୟ କେନ୍ଦ୍ର ଏବଂ ଭାରତର ବିଭିନ୍ନ ସ୍ଥାନରେ ଅଲ୍ ପିପୁଲ୍ସ ଚର୍ଚ୍ଚର ମଣ୍ଡଳୀଗୁଡ଼ିକ ରହିଛି । ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ବିଭିନ୍ନ ସ୍ଥାନର ଯୋଗାଯୋଗ ଠିକଣା ପାଇବା ପାଇଁ ଆମର ୱେବ୍‌ସାଇଟ୍ **www.apcwo.org/locations** କୁ ପରିଦର୍ଶନ କରନ୍ତୁ କିଅବା ଆମ ନିକଟକୁ contact@apcwo.org ଠିକଣାରେ ଇମେଲ୍ କରନ୍ତୁ ।

# ଅଲ୍ ପିପୁଲ୍ସ ଚର୍ଚ୍ଚର ଅଂଶୀଦାର ହୁଅନ୍ତୁ

ଅଲ୍ ପିପୁଲ୍ସ ଚର୍ଚ୍ଚ ଏକ ସ୍ଥାନୀୟ ମଣ୍ଡଳୀ ହେଲେ ହେଁ ଏହାର ସେବାକାର୍ଯ୍ୟର ପରିସର ସାରା ଭାରତରେ, ବିଶେଷ କରି ଉତ୍ତର ଭାରତରେ ପରିବ୍ୟାପ୍ତ ଏବଂ ଏହା ବିଶେଷ ଧ୍ୟାନ ଦେଇଥାଏ (କ) ନେତୃବର୍ଗଙ୍କୁ ବଳିଷ୍ଠ କରିବା (ଖ) ସେବାକାର୍ଯ୍ୟ ନିମନ୍ତେ ଯୁବାମାନଙ୍କୁ ସୁସଜ୍ଜିତ କରିବା ଏବଂ (ଗ) ଖ୍ରୀଷ୍ଟଙ୍କ ଶରୀରକୁ ଗଢ଼ି ତୋଳିବା ପାଇଁ। ବର୍ଷସାରା ଯୁବାମାନଙ୍କ ପାଇଁ ଅନେକ ତାଲିମ୍ ସେମିନାର୍ ଓ ଖ୍ରୀଷ୍ଟୀୟ ନେତୃତ୍ୱ ସଭାମାନ ଅନୁଷ୍ଠିତ ହୋଇଥାଏ। ଏହା ବ୍ୟତୀତ ଇଂରାଜୀ ଓ ଅନ୍ୟାନ୍ୟ ଭାଷାରେ ଆମ ଦ୍ୱାରା ପ୍ରକାଶିତ ପୁସ୍ତକମାନ ହଜାର ହଜାର ସଂଖ୍ୟାରେ ମାଗଣାରେ ବଣ୍ଟନ କରାଯାଇଥାଏ। ବିଶ୍ୱାସୀମାନଙ୍କୁ ବାକ୍ୟ ଓ ଆତ୍ମାରେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଏହା କରାଯାଇଥାଏ।

ଆମମାନଙ୍କ ସଙ୍ଗେ ଆର୍ଥିକ କ୍ଷେତ୍ରରେ ଅଂଶୀଦାର ହେବା ପାଇଁ ଆପଣଙ୍କୁ ଆମେ ସାଦର ନିମନ୍ତ୍ରଣ ଜଣାଉ। ଏଥିନିମନ୍ତେ ଆପଣ ଆମ ନିକଟକୁ ଏକକାଳୀନ ବା ମାସିକ ଆର୍ଥିକ ଦାନ ପଠାଇ ପାରିବେ। ଆମ ଦେଶରେ ସେବାକାର୍ଯ୍ୟ କରିବାକୁ ଆପଣ ଯାହା କିଛି ଦାନ ପଠାଇବେ ତାକୁ ସାଦରେ ଗ୍ରହଣ କରାଯିବ।

ଆପଣଙ୍କ ଦାନ ଚେକ୍ ବା ଡ୍ରାଫ୍ଟ ଆକାରରେ "All Peoples Church, Bangalore" ନାମରେ ଅଫିସ୍ ଠିକଣାରେ ଆମ ନିକଟକୁ ପଠାଇ ପାରନ୍ତି। ବ୍ୟାଙ୍କ୍ ଟ୍ରାନ୍ସଫର୍ ଜରିଆରେ ମଧ୍ୟ ଆପଣଙ୍କ ଦାନ ପଠାଇ ପାରିବେ। ଆମ ଜମାଖାତାର ବିବରଣ ନିମ୍ନରେ ଦିଆଗଲା -

Account Name : All Peoples Church

Account Number : 0057213809

IFSC Code : CITI0000004

Bank : Citibank N.A., No.-5, M.G. Road, Bengaluru, Karnataka-560001

*ବି.ଦ୍ର. : ଅଲ୍ ପିପୁଲ୍ସ ଚର୍ଚ୍ଚ ଭାରତରେ ଥିବା ବ୍ୟାଙ୍କ୍ ଗୁଡ଼ିକ ମାଧ୍ୟମରେ ଦାନ ଗ୍ରହଣ କରିଥାଏ। ଦାନ ପଠାଇବା ବେଳେ ଏହାର ଉଦ୍ଦେଶ୍ୟକୁ ଅର୍ଥାତ୍ APC ର କେଉଁ ସେବାକାର୍ଯ୍ୟରେ ଏହା ବ୍ୟବହୃତ ହେବ ତାହା ଆପଣ ଲେଖି ପାରନ୍ତି। ଅଧିକ ଜାଣିବା ନିମନ୍ତେ apcwo.org/give ପରିଦର୍ଶନ କରନ୍ତୁ। ଆମମାନଙ୍କ ନିମନ୍ତେ ଓ ଆମ ସେବା କାର୍ଯ୍ୟ ନିମନ୍ତେ ଦୟାକରି ପ୍ରାର୍ଥନା କରନ୍ତୁ।*

ଧନ୍ୟବାଦ, ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ।

# ଅଲ୍ ପିପୁଲ୍ସ୍ ଚର୍ଚ୍ଚ ଦ୍ୱାରା ପ୍ରକାଶିତ ପୁସ୍ତକସମୂହ

A Church in Revival
A Real Place Called Heaven*
A Time for Every Purpose
Ancient Landmarks
Baptism in the Holy Spirit*
Being Spiritually Minded and Earthly Wise
Biblical Attitude Towards Work
Breaking Personal and Generational Bondages
Change
Code of Honor
Divine Favor
Divine Order in the Citywide Church
Don't Compromise Your Calling*
Don't Lose Hope*
Equipping the Saints
Foundations (Track 1)
Fulfilling God's Purpose for Your Life*
Giving Birth to the Purposes of God
God Is a Good God*
God's Word-The Miracle Seed*
How to Help Your Pastor
Integrity
Kingdom Builders*
Laying the Axe to the Root
Living Life Without Strife
Marriage and Family
Ministering Healing and Deliverance
Offenses-Don't Take Them*
Open Heavens
Our Redemption*
Receiving God's Guidance
Revivals, Visitations and Moves of God
Shhh! No Gossip!*
Speak Your Faith
The Conquest of the Mind*
The Father's Love
The House of God
The Kingdom of God
The Mighty Name of Jesus
The Night Seasons of Life
The Power of Commitment
The Presence of God
The Redemptive Heart of God
The Refiner's Fire
The Spirit of Wisdom, Revelation and Power
The Wonderful Benefits of speaking in Tongues*
Timeless Principles for the Workplace
Understanding the Prophetic
Water Baptism*
We Are Different*
Who We Are in Christ?*
Women in the Workplace
Work Its Original Design

ଉପରୋକ୍ତ ସମସ୍ତ ପୁସ୍ତକ ଆମ ମଣ୍ଡଳୀର ୱେବ୍‌ସାଇଟ୍ **apcwo.org/books**ରୁ ମାଗଣାରେ ଡ଼ାଉନ୍‌ଲୋଡ଼୍ କରିପାରିବେ । ଅନୁବାଦିତ ଓଡ଼ିଆ ପୁସ୍ତକଗୁଡ଼ିକ ମୂଳ ଇଂରାଜୀ ପୁସ୍ତକ ନିକଟରେ * ଚିହ୍ନ ସହିତ ସୂଚିତ ହୋଇଛି । ଅନ୍ୟାନ୍ୟ ଭାଷାରେ ଅନୁବାଦିତ ପୁସ୍ତକଗୁଡ଼ିକ ମଧ୍ୟ ଉପଲବ୍ଧ । ମାଗଣାରେ ଉପଲବ୍ଧ ଇଂରାଜୀପୁସ୍ତକଗୁଡ଼ିକ ପାଇବା ପାଇଁ ଆମର ଇମେଲ୍ ଠିକଣା **bookrequest@apcwo.org**କୁ ଇମେଲ୍ ପଠାନ୍ତୁ । * ଚିହ୍ନିତ ଓଡ଼ିଆ ପୁସ୍ତକଗୁଡ଼ିକ PDF ଆକାରରେ ମିଳେ ।

ଆମ ମଣ୍ଡଳୀର ୱେବ୍‌ସାଇଟ୍‌ରୁ ମାଗଣାରେ ଅଡ଼ିଓ ଓ ଭିଡ଼ିଓ ଉପଦେଶ, ଉପଦେଶ ଟିପ୍ପଣୀସବୁ (apcwo.org/sermons) ଏବଂ ଅନ୍ୟାନ୍ୟ ଉପାଦେୟ ଓ ଉପଯୋଗୀ ବିଷୟ ପାଇପାରିବେ ।

# ଏକ ସପ୍ତାହାନ୍ତ ସ୍କୁଲ୍‌ରେ ଯୋଗ ଦିଅନ୍ତୁ

ପ୍ରତି ସପ୍ତାହରେ ବାଙ୍ଗାଲୁରୁଠାରେ ବିଶ୍ୱାସୀମାନଙ୍କୁ ତାଲିମ୍ ଦେଇ ଜୀବନ ଓ ସେବାକାର୍ଯ୍ୟ ନିମନ୍ତେ ସୁସଜ୍ଜିତ କରିବା ପାଇଁ Weekend Schools ଆୟୋଜିତ ହୋଇଥାଏ । ଶନିବାର ଦିନ ସକାଳ ୯:୦୦ଘ ରୁ ସନ୍ଧ୍ୟା ୬:୦୦ଘ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହୁଏ । ଏହା ସମସ୍ତ ମଣ୍ଡଳୀ ଓ ସମ୍ପ୍ରଦାୟର ବିଶ୍ୱାସୀମାନଙ୍କ ନିମନ୍ତେ ଉନ୍ମୁକ୍ତ, ଯଦି ସେମାନେ ତାଲିମ୍ ନେଇ ସଜ୍ଜିତ ହେବାକୁ ଚାହାନ୍ତି । ବର୍ତ୍ତମାନ ଅନୁଷ୍ଠିତ ହେଉଥିବା Weekend Schoolsରେ ନିମ୍ନ ପ୍ରସଙ୍ଗମାନ ଆୟୋଜିତ ହୋଇଥାଏ ।

ଭାବବାଣୀୟ ସେବାକାର୍ଯ୍ୟ (Prophetic Ministry)
ସୁସ୍ଥତା ଓ ଉଦ୍ଧାରକାର୍ଯ୍ୟ (Healing & Deliverance)
ଆତ୍ମାଙ୍କ ଦାନସକଳ (Gifts of the Spirit)
ପ୍ରାର୍ଥନା ଓ ନିବେଦନ (Prayer & Intercession)
ଅନ୍ତରସ୍ଥ ସମ୍ପୂର୍ଣ୍ଣତା (Inner Wholeness)
ଜୀବନଶୈଳୀ ସୁସମାଚାର (Lifestyle Evangelism)
ଈଶ୍ୱରଙ୍କ କାର୍ଯ୍ୟ (God at Work)
ସହରାଞ୍ଚଳ ମିଶନ୍ ଓ ମଣ୍ଡଳୀରୋପଣ (Urban Mission and Church Planting)
ଖ୍ରୀଷ୍ଟୀୟ ଆପୋଲୋଜେଟିକ୍ସ (Christian Apologetics)

ଅଧିକ ଜାଣିବା ପାଇଁ ଓ ନାମ ପଞ୍ଜିକରଣ କରିବା ପାଇଁ ଆମର ୱେବ୍‌ସାଇଟ୍ **apcwo.org/weekendschool** ପରିଦର୍ଶନ କରନ୍ତୁ ।

# ଖ୍ରୀଷ୍ଟୀୟ ନେତୃତ୍ୱ ଶିବିର୍ ଆୟୋଜନ କରନ୍ତୁ

ଅଲ୍ ପିପୁଲ୍ସ ଚର୍ଚ୍ଚ ପାଳକ, ସ୍ଥାନୀୟ ମଣ୍ଡଳୀର ନେତା, ଖ୍ରୀଷ୍ଟୀୟ ସଂଗଠନର ନେତା ଓ ଖ୍ରୀଷ୍ଟୀୟ ସେବାକାର୍ଯ୍ୟରେ ସଂସ୍ଲିଷ୍ଟ ଅନ୍ୟମାନଙ୍କୁ ଆତ୍ମାରେ ଅଭିଷିକ୍ତ ସୁସଜ୍ଜିତକରଣ ଓ ତାଲିମ୍ ପ୍ରଦାନ କରିଥାଏ । ଅଭିଷିକ୍ତ ପ୍ରଭୁଙ୍କ ଦାସମାନଙ୍କ ଦ୍ୱାରା ଶିକ୍ଷାପ୍ରଦାନ ସଙ୍ଗେ ସଙ୍ଗେ ଆତ୍ମାରେ ଚାଳିତ ସେବାକାର୍ଯ୍ୟ ଓ ତାଲିମ୍ ପ୍ରଦାନ କରାଯାଏ । ଆମର ଦଳସବୁ ଅଂଶଗ୍ରହଣକାରୀମାନଙ୍କ ସଙ୍ଗେ ବ୍ୟକ୍ତିଗତରୂପେ ଭାବର ଆଦାନ ପ୍ରଦାନ ଓ ଆଲୋଚନା କରିଥାନ୍ତି । ଏହି ନେତୃତ୍ୱ ଶିବିର ୨/୩ ଦିନ ଧରି ଚାଲିଥାଏ ଓ ନିର୍ଦ୍ଦିଷ୍ଟ ଏକ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥାଏ । ଅଂଶଗ୍ରହଣକାରୀମାନେ ନୂତନୀକୃତ, ଶକ୍ତିଯୁକ୍ତ, ଏବଂ ଅଧିକ ଫଳପ୍ରଦ ଓ ପ୍ରଭାବଶାଳୀ ସେବାକାର୍ଯ୍ୟ କରିବାକୁ ସୁସଜ୍ଜିତ ହୋଇ ବାହାରି ଯାଇଥାନ୍ତି । ଖ୍ରୀଷ୍ଟୀୟ ନେତୃତ୍ୱ ଶିବିର ବିଭିନ୍ନ ସ୍ଥାନୀୟ ମଣ୍ଡଳୀ, ଏକ ଖ୍ରୀଷ୍ଟୀୟ ସେବାକାର୍ଯ୍ୟ, ମିଶନ୍ ସଂଗଠନ ବା ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ମଣ୍ଡଳୀସବୁର ଓ ସେମାନଙ୍କ ପାଳକମାନଙ୍କର ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ହୋଇଥାଏ । ଆୟୋଜକ ସଂଗଠନ ଅଂଶଗ୍ରହଣକାରୀମାନଙ୍କୁ ଆମନ୍ତ୍ରଣ କରିବା ସଙ୍ଗେ ସଙ୍ଗେ ଶିବିରର ସମସ୍ତ ଖର୍ଚ୍ଚ ବହନ କରିବେ । ଅଲ୍ ପିପୁଲ୍ସ ଚର୍ଚ୍ଚ ଏହାର ସେବାକାର୍ଯ୍ୟ ଦଳକୁ ସେଠାକୁ ପଠାଇ ଶିବିର ପରିଚାଳନା କରିବେ ।

ପ୍ରାୟଶଃ ଆମେ ନିମ୍ନ ପ୍ରସଙ୍ଗଗୁଡ଼ିକୁ ନେଇ ଆଲୋଚନା କରିଥାଉ–

- **ଉଦ୍ଦୀପନା, ପରିଦର୍ଶନ ଓ ଈଶ୍ୱରଙ୍କ ଚଳପ୍ରଚଳ**
- **ଉପସ୍ଥିତି ଓ ଗୌରବ**
- **ରାଜ୍ୟନିର୍ମାଣକାରୀମାନେ (ଈଶ୍ୱରଙ୍କ ରାଜ୍ୟ ଓ ଏହାର ନିର୍ମାଣକାର୍ଯ୍ୟ)**
- **ସମତଳ ଭୂମି**
- **ଈଶ୍ୱରଙ୍କ ଗୃହ**
- **ପ୍ରେରିତିକ ଓ ଭାବବାଣୀୟ ସେବାକାର୍ଯ୍ୟ**
- **ସୁସ୍ଥତା ଓ ଉଦ୍ଧାର ସେବାକାର୍ଯ୍ୟ**
- **ଆତ୍ମାଙ୍କ ଦାନସକଳ**
- **ବିବାହ ଓ ପରିବାର**
- **ସାଧୁମାନଙ୍କୁ ସୁସଜ୍ଜିତ କରିବା ଓ ହାଟପଦାକୁ ପରିବର୍ତ୍ତନ କରିବା**


ଏସମ୍ପର୍କିତ ଅନ୍ୟାନ୍ୟ ବିଷୟପାଇଁ ଆମର ୱେବ୍‌ସାଇଟ୍: **apcwo.org/CLC** ପରିଦର୍ଶନ କରନ୍ତୁ ।

ଶିବିର ଆୟୋଜନ କରିବା ପାଇଁ ଆମ ସଙ୍ଗେ ଏହି email ଠିକଣା ଦ୍ୱାରା ଯୋଗାଯୋଗ କରନ୍ତୁ: contact@apcwo.org

## ମାଗଣା ଆପ୍ ଡାଉନ୍‌ଲୋଡ୍ କରନ୍ତୁ

ଆପ୍ ବା ଗୁଗୁଲ୍ ପ୍ଲେ ଷ୍ଟୋର୍‌ରୁ "All Peoples Church Bangalore" ଖୋଜି ଡ଼ାଉନ୍‌ଲୋଡ୍ କରନ୍ତୁ




### ଏଥିରେ ଥିବା ସୁବିଧାଗୁଡ଼ିକ:

- ଦୈନିକ ୫ ମିନିଟ୍‌ର ଭିଡ଼ିଓ ଧ୍ୟାନ
- ଦୈନିକ ବାଇବଲ ପଠନ ଓ ପ୍ରାର୍ଥନା ସୂଚନା
- ବିଭିନ୍ନ ପ୍ରସଙ୍ଗ ଉପରେ ଆଧାରିତ ବାଇବଲ ଶାସ୍ତ୍ରାଂଶଗୁଡ଼ିକର ଏକ ଟୁଲ୍‌କିଟ୍ ଯାହା
- ବିଶ୍ୱାସରେ ବୃଦ୍ଧି ପାଇବାରେ ଓ ସୁସମାଚାର ଅଂଶୀ କରାଇବାରେ ସହାୟକ ।
- ବିଭିନ୍ନ ଉପଦେଶ, ଉପଦେଶ ଟିପ୍ପଣୀସମୂହ, ଟିଭି କାର୍ଯ୍ୟକ୍ରମ, ପୁସ୍ତକ, ସଙ୍ଗୀତ, ଇତ୍ୟାଦି ଏଥିରେ ଉପଲବ୍ଧ ।

***ଯଦି ଏହାକୁ ପସନ୍ଦ କରୁଛନ୍ତି, ଅନ୍ୟମାନଙ୍କୁ ଏ ବିଷୟରେ କହନ୍ତୁ!***

# ପ୍ରଭାବିତ କରିବା ପାଇଁ ନିର୍ମାଣ କରନ୍ତୁ: ଆମ ଦର୍ଶନରେ ଅଂଶଗ୍ରହଣ କରନ୍ତୁ




## ନିର୍ମାଣ କରନ୍ତୁ

APC WORLD OUTREACH & EQUIPPING CENTRE, ବାଙ୍ଗାଲୁରୁ ଏକ ବିଶ୍ୱସ୍ତରୀୟ ସମ୍ପୂର୍ଣ୍ଣ ଆଧୁନିକ ସଜ୍ଜିତକରଣ କେନ୍ଦ୍ର ଓ ମିଶନ୍ ଭିତ୍ତିଭୂମିଭାବରେ ବିଭିନ୍ନ ରାଷ୍ଟ୍ରରେ ଖ୍ରୀଷ୍ଟଙ୍କ ଶରୀରର ସେବା କରିବା ପାଇଁ ଉଦ୍ଦିଷ୍ଟ ।

## ପ୍ରଭାବିତ କରନ୍ତୁ

ଆମେ ଆତ୍ମାରେ ଅଭିଷିକ୍ତ, ବାଇବଲଭିତ୍ତିକ ତାଲିମ୍ ପ୍ରଦାନ କରି ନୂତନ ପିଢ଼ିର ଖ୍ରୀଷ୍ଟୀୟ କାର୍ଯ୍ୟକାରୀମାନଙ୍କୁ ସୁସଜ୍ଜିତ କରି ସ୍ୱଦେଶ ଓ ବିଦେଶକୁ ପଠାଇବୁ ଓ ସେମାନଙ୍କର ପୃଷ୍ଠପୋଷକତା କରିବୁ । ଏଥିପାଇଁ ଏକ ବାଇବଲ କଲେଜ ପ୍ରତିଷ୍ଠିତ ହେବ ଓ ଏଥିରେ ରହିବାର ସୁବିଧା ରହିଥିବ । ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ଶିକ୍ଷା ଗ୍ରହଣର ସୁବିଧା ରହିବ । ଏକ ମିଡ଼ିଆ ସେଣ୍ଟର୍ ବି ରହିବ ଯଦ୍ୱାରା ପୃଥିବୀର ବିଭିନ୍ନ ଭାଗର ଲୋକଙ୍କ ନିକଟରେ ପହଞ୍ଚି ହେବ । ଏଠାରେ ଏକ ଉପାସନା ଗୃହ ଏବଂ ପିଲାମାନଙ୍କର ଓ ଯୁବାମାନଙ୍କ ପାଇଁ ଏକ ସେଣ୍ଟର୍ ରହିବ । ୨୪x୭ ପ୍ରାର୍ଥନା ସେଣ୍ଟର୍ ମଧ୍ୟ ରହିବ ।

ଆପଣଙ୍କୁ ପ୍ରଭୁ ଯେଭଳି ଚାଳନା ଓ ଶକ୍ତି ଦିଅନ୍ତି ତଦନୁସାରେ ଆପଣଙ୍କୁ ଏକ ସ୍ୱେଚ୍ଛାଦାନ ପଠାଇବାକୁ ଆମନ୍ତ୍ରଣ କରାଯାଏ ଏବଂ ଆମ ସଙ୍ଗେ ଏହି ଦର୍ଶନର ଭାଗୀଦାର ହୋଇ ପ୍ରଭାବିତ କରିବା ପାଇଁ ନିର୍ମାଣ କରିବା କାର୍ଯ୍ୟକ୍ରମକୁ ସାହାଯ୍ୟ କରିବାକୁ ଅନୁରୋଧ । APC WORLD OUTREACH & EQUIPPING CENTRE, ବାଙ୍ଗାଲୁରୁର ନିର୍ମାଣ କାର୍ଯ୍ୟ ନିମନ୍ତେ ଦାନ ପଠାଇବା ପାଇଁ ଆମ ଜମାଖାତାର ବିବରଣ ନିମ୍ନରେ ଦିଆଗଲା ।

| **Wire Transfer** | **Cheques** |
|---|---|
| Account: **All Peoples Church Building Fund AC** | In favor of: **All Peoples Church Building Fund AC** |
| Account No: 520101021447450 | Cheques can be mailed to: |
| IFSC Code: CORP0000656 | All Peoples Church, |
| Bank Name: Corporation Bank | #319, 2nd Floor, 7th Main, 2nd Block |
| Branch Name: R.T Nagar Branch, Bangalore | HRBR Layout, Kalyan Nagar, Bangalore |
| | 560043, Karnataka, India |

ଭାରତରେ ଥିବା ବ୍ୟାଙ୍କଗୁଡ଼ିକ ମାଧ୍ୟମରେ ଆମେ ଦାନ ଗ୍ରହଣ କରିବାକୁ ପସନ୍ଦ କରିବୁ । ବିଦେଶରୁ ଆସିବାକୁ ଥିବା ଦାନ ଗ୍ରହଣ କରିବାର ସୁବିଧା ଆମ ନିକଟରେ ଉପଲବ୍ଧ ନୁହେଁ । ଯଦି ଆପଣଙ୍କର କୌଣସି ସନ୍ଦେହ ବା ପ୍ରଶ୍ନ ଥାଏ buildtoimpact@apcwo.orgକୁ email କରନ୍ତୁ । ଏହି ପ୍ରକଳ୍ପର ପ୍ରଗତି ଓ ଅନ୍ୟ ବିଷୟ ଜାଣିବା ପାଇଁ **apcwo.org/buildtoimpact** ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ ।

## All Peoples Church Bible College
## apcbiblecollege.org

ଅଲ୍ ପିପୁଲ୍ସ ଚର୍ଚ୍ଚ୍ ବାଇବଲ୍ କଲେଜ୍ ଏଣ୍ଡ୍ ମିନିଷ୍ଟ୍ରି ଟ୍ରେନିଙ୍ଗ୍ ସେଣ୍ଟର୍ (APC-BC) ବାଙ୍ଗାଲୁରୁ, ଆତ୍ମାରେ ପୂର୍ଣ୍ଣ ଓ ଅଭିଷିକ୍ତ ପ୍ରଭୁଙ୍କ ଦାସଦାସୀମାନଙ୍କୁ ବ୍ୟବହାର କରି ଅନ୍ୟମାନଙ୍କୁ ତାଲିମ୍ ଦେଇ ସୁସଜ୍ଜିତ କରେ ଯେପରି କି ସେମାନେ ପବିତ୍ର ଆତ୍ମାଙ୍କ ଅଲୌକିକ ଶକ୍ତିରେ କାର୍ଯ୍ୟ କରନ୍ତି ଏବଂ ଈଶ୍ୱରଙ୍କ ବାକ୍ୟକୁ ଅଭ୍ରାନ୍ତ ଓ ଜ୍ଞାନୋଦ୍ଦୀପକ ଭାବରେ ବ୍ୟାଖ୍ୟା କରିପାରନ୍ତି । ସେବାକାର୍ଯ୍ୟ ନିମନ୍ତେ ବ୍ୟକ୍ତିର ପୂର୍ଣ୍ଣ ବିକାଶରେ ଆମେ ବିଶ୍ୱାସ କରୁ । ସେମାନେ ଯେପରି ପ୍ରଭୁଙ୍କଠାରେ ସଂଲଗ୍ନ ଜୀବନ କାଟନ୍ତି ଏବଂ ତଦ୍ଦ୍ୱାରା ସେମାନଙ୍କଠାରେ ଐଶିକ ଚରିତ୍ର ବିକଶିତ ହୁଏ ଓ ଈଶ୍ୱରଙ୍କ ବାକ୍ୟରେ ସେମାନେ ବଦ୍ଧମୂଳ ହୁଅନ୍ତି ଏବଂ ସେମାନଙ୍କ ସେବା କାର୍ଯ୍ୟରେ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମର ଶକ୍ତିଯୁକ୍ତ ପ୍ରଦର୍ଶନ ଅନୁବର୍ତ୍ତୀ ହୁଏ ଏହା ଉପରେ ଗୁରୁତ୍ୱ ଦିଆଯାଏ ।

APC-BC ରେ ବଳିଷ୍ଠ ଶିକ୍ଷା ସାଙ୍ଗକୁ ଈଶ୍ୱରଙ୍କ ପ୍ରେମର ପ୍ରଦର୍ଶନ, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ଉପସ୍ଥିତି ଏବଂ ଈଶ୍ୱରଙ୍କର ଆଶ୍ଚର୍ଯ୍ୟ କାର୍ଯ୍ୟ ଉପରେ ଜୋର୍ ଦିଆଯାଏ । ଏଯାଏଁ ଅନେକ ତାଲିମ୍‌ପ୍ରାପ୍ତ ଯୁବକ ଯୁବତୀଙ୍କୁ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବା ନିମନ୍ତେ ପ୍ରେରଣ କରାଯାଇଛି ।

ଏଠାରେ ତିନୋଟି ପାଠ୍ୟକ୍ରମ ପ୍ରଚଳିତ :
Certificate in Theology & Christian Ministry (C.Th.) –ଏକବର୍ଷ
Diploma in Theology & Christian Ministry (Dip.Th.)– ଦୁଇ ବର୍ଷ
Bachelor in Theology & Christian Ministry (B.Th.)– ତିନି ବର୍ଷ

**ସୋମବାରଠାରୁ ଶୁକ୍ରବାର ଯାଏଁ ପୂର୍ବାହ୍ନ ୯.୦୦ଘ. ରୁ ଅପରାହ୍ନ ୧.୦୦ ଘ.** ପର୍ଯ୍ୟନ୍ତ ଶ୍ରେଣୀରେ ଶିକ୍ଷାଦାନ କରାଯାଏ । ଦିବା ବିଦ୍ୟାର୍ଥୀ, ପେଶାଦାର ବ୍ୟକ୍ତି ଓ ବିବାହିତା ସ୍ତ୍ରୀମାନେ ମଧ୍ୟ ଏ ସମସ୍ତ ତାଲିମ୍‌ରେ ଯୋଗ ଦେଇପାରିବେ ଏବଂ ଅପରାହ୍ନ ୧.୦୦ ଘ. ପରେ ସେମାନଙ୍କ କାର୍ଯ୍ୟକୁ ଯାଇପାରିବେ । ଆବାସିକ ଛାତ୍ରଛାତ୍ରୀଙ୍କ ନିମନ୍ତେ ପୃଥକ୍ ହୋଷ୍ଟେଲ୍‌ମାନ ରହିଛି । ପଢ଼ା ଦିନମାନଙ୍କରେ ଆବାସିକ ଛାତ୍ରଛାତ୍ରୀମାନେ ଅପରାହ୍ନ ୨.୦୦ ଘ.ରୁ. ୫.୦୦ ଘ. ପର୍ଯ୍ୟନ୍ତ କ୍ଷେତ୍ର କାର୍ଯ୍ୟ, ସ୍ୱତନ୍ତ୍ର ସେମିନାର୍, ପ୍ରାର୍ଥନା ଓ ଉପାସନାରେ ଯୋଗ ଦେଇଥାନ୍ତି । ଅଣଆବାସିକ ଛାତ୍ରଛାତ୍ରୀମାନେ ଏଥିରେ ଯୋଗ ଦେବା ସେମାନଙ୍କ ଇଚ୍ଛାଧୀନ । ସପ୍ତାହର ଶେଷ ଦିନମାନଙ୍କରେ ବିଭିନ୍ନ ମାଣ୍ଡଳିକ ସେବାରେ ଯୋଗ ଦେଇ ସେଠାରେ ବିଭିନ୍ନ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯାଏ । ଅନ୍‌ଲାଇନ୍‌ରେ ଦରଖାସ୍ତ ପଠାଇବାକୁ ଓ ଏହି କଲେଜର କାର୍ଯ୍ୟକ୍ରମ, ଯୋଗ୍ୟତା, ଟ୍ୟୁସନ୍ ଖର୍ଚ୍ଚ ବିଷୟରେ ଜାଣିବା ଏବଂ ଦରଖାସ୍ତ ଫର୍ମକୁ ଡାଉନ୍‌ଲୋଡ୍ କରିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/biblecollegeକୁ ପରିଦର୍ଶନ କରନ୍ତୁ ।

APC-BC is accredited by the
Nations Association for
Theological Accreditation (NATA)

ଜୀବନରେ ସବୁପ୍ରକାର ବିଷୟ ବାଧାବିଘ୍ନ ଜନ୍ମାଇପାରନ୍ତି । ଥରେ ଆମେ ଅପମାନିତ ବୋଧ କଲେ, ଏହା ଆମ ଅନ୍ତରରେ ଏପରି କାର୍ଯ୍ୟ କରେ ଯେ କଳ୍ପନାତୀତ ଭାବରେ ବିଭିନ୍ନ ମାର୍ଗରେ ଏହା ଆମକୁ ପ୍ରଭାବିତ କରେ । ଅସମାହିତ ଅପମାନର ବଶବର୍ତ୍ତୀ ହୋଇ କାର୍ଯ୍ୟ କଲେ ଆମେ ଅତ୍ୟନ୍ତ ବିଚାର ଶକ୍ତିହୀନ ଓ ଅସ୍ୱାଭାବିକରୂପେ ଚିନ୍ତା କରିଥାଉ, କଥା କହିଥାଉ ଓ ଆଚରଣ କରିଥାଉ । ମାଣ୍ଡଳିକ ଜୀବନରେ ଏହା ଘଟିଲେ, ଈଶ୍ୱରଙ୍କ ଲୋକମାନଙ୍କ ମଧ୍ୟରେ ଅନେକ ଦୁଃଖଦାୟକ ବିଷୟ ଦେଖିବାକୁ ମିଳେ ।

ବିଘ୍ନ ସମ୍ପର୍କରେ ବାଇବଲ କ'ଣ କହେ ? ଆମେ ବିଘ୍ନ ପାଇଲେ ବା ଅପମାନିତ ହେଲେ ଆମର ପ୍ରତିକ୍ରିୟା କ'ଣ ହେବା ଉଚିତ ? ମର୍ଯ୍ୟାଦା ହାନି ଘଟିଲେ ଆମେ କିପରି ନକାରାତ୍ମକ ମାନସିକ ଆବେଗରୁ ମୁକ୍ତିପାଇବା ? ଈଶ୍ୱରଙ୍କ ବାକ୍ୟରୁ ଏହି ସରଳ, ଅଥଚ ଶିକ୍ଷାପ୍ରଦାନକାରୀ ଅଧ୍ୟୟନ ଉପରୋକ୍ତ ପ୍ରଶ୍ନ ଗୁଡ଼ିକର ଉତ୍ତର ଦେବା ସଙ୍ଗେ ସଙ୍ଗେ ଆପଣ ସମ୍ପୂର୍ଣ୍ଣ ବିଘ୍ନମୁକ୍ତ ଜୀବନ ଯାପନ କରିବା ଦିଗରେ ସାହାଯ୍ୟ କରିବ ।

ସର୍ବଦା ବିଘ୍ନ ସୀମାରେଖାର ଉର୍ଦ୍ଧ୍ୱରେ ରହି ଜୀବନ ଯାପନ କରନ୍ତୁ ।

ଆଶିଷ୍ ରାଇଚୁର୍